Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୨୮
Volum. - 21 ■ Issue No.- 28
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୩୦ ମେ' - ୦୪ ଜୁନ୍ ୨୦୨୧ / 30 May - 05 June 2021 / Odia Weekly / 8 Pages / Rs.2/- only

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ସିଏସଆଇଆର ସୋସାଇଟିର ବୈଠକ ଅନୁଷ୍ଠିତ


### ଚଳିତ ଦଶନ୍ଧିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତଥା ଆଗାମୀ ଦଶନ୍ଧିର ଆବଶ୍ୟକତା ଅନୁସାରେ ଆମକୁ ପ୍ରସ୍ତୁତ ହେବାକୁ ପଡିବ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ (ସିଏସଆଇଆର) ସୋସାଇଟିର ବୈଠକ ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିଜର ବକ୍ତବ୍ୟ ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଲେ ଯେ କରୋନା ମହାମାରୀ ଚଳିତ ଶତାବ୍ଦୀର ସବୁଠାରୁ ବଡ ଚାଲେଞ୍ଜ ଭାବେ ମାନବ ସମାଜ ଆଗରେ ଉଭା ହୋଇଛି । କିନ୍ତୁ ଅତୀତରେ ଯେତେବେଳେ କୌଣସି ବିରାଟ ମାନବୀୟ ସଂକଟ ଦେଖାଦେଇଛି, ସେତେବେଳେ ବିଜ୍ଞାନ ଏକ ଉତ୍ତମ ଭବିଷ୍ୟତ ନିମନ୍ତେ ମାର୍ଗ ପ୍ରସ୍ତୁତ କରିଛି । ବିଜ୍ଞାନର ମୌଳିକ ସ୍ୱଭାବ ହେଲା ନୂତନ ଶକ୍ତି ସୃଷ୍ଟି କରିବା ଓ ସଂକଟର ଘଡିରେ ସମସ୍ତ ସମ୍ଭାବ୍ୟ ସମାଧାନ ସୂତ୍ର ଓ ସମ୍ଭାବନା ସୃଷ୍ଟି କରିବା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଲେ ଯେ ବୈଜ୍ଞାନିକମାନେ ଯେଉଁ ମାତ୍ରାରେ ଏବଂ ଯେତିକି ବ୍ୟଗ୍ରତାର ସହିତ ମାତ୍ର ଏକ ବର୍ଷରୁ କମ୍ ସମୟ ଭିତରେ କୋଭିଡ ୧୯ ମହାମାରୀର ପ୍ରତିଷେଧକ ଟିକା ଉଦ୍ଭାବନ କରିପାରିଲେ ଏବଂ ଏହି ମହାମାରୀ କବଳରୁ ମାନବ ସମାଜକୁ ରକ୍ଷା କରିପାରିଲେ ତାହା ଅତୀବ ପ୍ରଶଂସନୀୟ । ସେ କହିଲେ ଯେ ପ୍ରଥମ ଥର ପାଇଁ ମାନବ ଇତିହାସରେ ଏଭଳି ଏକ ବିରାଟ ସଂକଟ ଦେଖାଦେଇଛି । ବିଗତ ଶତାବ୍ଦୀରେ ଅନ୍ୟ ରାଷ୍ଟ୍ରମାନଙ୍କରେ ବିଭିନ୍ନ ପ୍ରକାର ଉଦ୍ଭାବନ ହେଉଥିଲା ଏବଂ ଭାରତକୁ ଏହାର ସୁଫଳ ପାଇବା ଲାଗି ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଥିଲା । କିନ୍ତୁ ଆଜି ଆମ ଦେଶର ବୈଜ୍ଞାନିକମାନେ ଅନ୍ୟ ରାଷ୍ଟ୍ରର ବିଜ୍ଞାନୀମାନଙ୍କ ପରି ସମାନ ମାତ୍ରାରେ ଏବଂ ସମାନ ବେଗରେ କାର୍ଯ୍ୟ କରିପାରୁଛନ୍ତି । କୋଭିଡ ୧୯ ଟିକା ଆବଶ୍ୟକତା ପୂରଣ ନିମନ୍ତେ ଦେଶକୁ ଆତ୍ମ ନିର୍ଭରଶୀଳ କରାଇପାରିଥିବାରୁ ସେ ଦେଶର ବୈଜ୍ଞାନିକ ସମାଜକୁ ଭୂୟସୀ ପ୍ରଶଂସା କରିଥିଲେ । କେବଳ ଟୀକା ନୁହେଁ, ଟେଷ୍ଟିଂ କିଟ୍, ଅନ୍ୟାନ୍ୟ ଆବଶ୍ୟକ ଉପକରଣ ଏବଂ ନୂତନ ତଥା ସକ୍ରିୟ ଔଷଧ ଯାହାକି କରୋନା ବିରୋଧରେ ଲଢ଼ିବା ସକାଶେ ଏକାନ୍ତ ଆବଶ୍ୟକ ତାହା ମଧ୍ୟ ସେମାନେ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ପାରିଛନ୍ତି । ପ୍ରଧାନମନ୍ତ୍ରୀ କହିଲେ ଯେ ବିଜ୍ଞାନ ଓ ପ୍ରଯୁକ୍ତିକୁ ସମାନ ଗତିରେ ବିକଶିତ ରାଷ୍ଟ୍ରମାନେ ଆଣିପାରିଛନ୍ତି ଯାହାକି ସେମାନଙ୍କର ଶିଳ୍ପସଂସ୍ଥା ଏବଂ ବଜାର ପାଇଁ ବେଶ୍ ଉପକାରୀ । ପ୍ରଧାନମନ୍ତ୍ରୀ କହିଲେ ଯେ ଆମ ଦେଶରେ, ସିଏସଆଇଆର ଏକ ଆନୁଷ୍ଠାନିକ ବ୍ୟବସ୍ଥା ମଧ୍ୟରେ ବିଜ୍ଞାନ, ସମାଜ ଏବଂ ଶିଳ୍ପକୁ ଏକା କ୍ଷେତ୍ରରେ ସମନ୍ୱିତ କରି କାର୍ଯ୍ୟ କରୁଛି । ଆମର ଏହି ଅନୁଷ୍ଠାନ ଅନେକ ପ୍ରତିଭାଧର ଏବଂ ବୈଜ୍ଞାନିକଙ୍କୁ ଦେଶକୁ ଉପହାର ଦେଇଛି । ସେମାନଙ୍କ ମଧ୍ୟରୁ ଶାନ୍ତିସ୍ୱରୂପ ଭଟ୍ଟନାଗର ଅନ୍ୟତମ ଯିଏ ଏହି ଅନୁଷ୍ଠାନକୁ ହିଁ ନେତୃତ୍ୱ ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ସିଏସଆଇଆର ଗବେଷଣା ଏବଂ ପାଟେଂଟ ବାତାବରଣ ସୃଷ୍ଟିର ଏକ ଶକ୍ତିଶାଳୀ ପ୍ଲାଟଫର୍ମ । ସିଏସଆଇଆର ଦେଶ ସମ୍ମୁଖୀନ ହେଉଥିବା ଅନେକ ସମସ୍ୟାର ସମାଧାନ ନିମନ୍ତେ ଏକା ସମୟରେ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ ସୂଚାଇଥିଲେ । ପ୍ରଧାନମନ୍ତ୍ରୀ କହିଲେ ଯେ ବର୍ତ୍ତମାନ ଦେଶର ଲକ୍ଷ୍ୟ ଓ ଦେଶବାସୀଙ୍କ ସ୍ୱପ୍ନ ଓ ଏକବିଂଶ ଶତାବ୍ଦୀ ଭିତ୍ତିଭୂମି ଉପରେ ଆଧାରିତ । ତେଣୁ ଏହି ଅନୁଷ୍ଠାନର ଲକ୍ଷ୍ୟ ମଧ୍ୟ ସେହିଭଳି ଅନନ୍ୟ ହେବା ଆବଶ୍ୟକ । ଆଜି ଭାରତ ପ୍ରତ୍ୟେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପ୍ରୟାସ କରୁଛି । ପ୍ରତ୍ୟେକ କ୍ଷେତ୍ରରେ ସଶକ୍ତ ହେବାକୁ ଚାହୁଁଛି । ତାହା ବାୟୋଟେକ୍ନୋଲୋଜି ଠାରୁ ଆରମ୍ଭ କରି ବ୍ୟାଟେରୀ ଟେକ୍ନୋଲୋଜି ପର୍ଯ୍ୟନ୍ତ, କୃଷି ଠାରୁ ନେଇ ନକ୍ଷତ୍ରବିଜ୍ଞାନ ପର୍ଯ୍ୟନ୍ତ, ବିପର୍ଯ୍ୟୟ ପରିଚାଳନା ଠାରୁ ଆରମ୍ଭ କରି ପ୍ରତିରକ୍ଷା ପ୍ରଯୁକ୍ତି ପର୍ଯ୍ୟନ୍ତ, ପ୍ରତିଷେଧକ ଟିକା ଠାରୁ ନେଇ ଭର୍ଚୁଆଲ୍ ରିଅଲିଟି ପର୍ଯ୍ୟନ୍ତ ବ୍ୟାପ୍ତ । ପ୍ରଧାନମନ୍ତ୍ରୀ କହିଲେ ଯେ, ଆଜି ଭାରତ ସାରା ବିଶ୍ୱକୁ ପୋଷଣୀୟ ବିକାଶ ଏବଂ ସ୍ୱଚ୍ଛ ଇନ୍ଧନ କ୍ଷେତ୍ରରେ ପଥ ପ୍ରଦର୍ଶନ କରୁଛି । ଆଜି ସଫ୍ଟୱେର ଠାରୁ ନେଇ ସାଟେଲାଇଟ୍ ଯାଏ ଭାରତ ଅନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ନିଜର ପ୍ରଗତିକୁ ପ୍ରଖରିତ କରିଛି । ଏହିସବୁ କ୍ଷେତ୍ରରେ ଭାରତ ବିଶ୍ୱର ବିକାଶ ପାଇଁ ଏକ ପ୍ରମୁଖ ଇଞ୍ଜିନରେ ପରିଣତ ହୋଇଛି । ତେଣୁ, ସେ କହିଲେ ଯେ ଭାରତର

(ସପ୍ତମ ପୃଷ୍ଠା ଦେଖନ୍ତୁ)


## ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିର ମହାନାୟକ ଅଟଳ ବିହାରୀ ପଣ୍ଡା ଚାଲିଗଲେ



ସମ୍ବଲପୁର, (ନିପ୍ର) : ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିର ମହାନାୟକ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ଅଟଳ ବିହାରୀ ପଣ୍ଡା(୯୨) ଚାଲିଗଲେ । ବୁର୍ଲା ଭୀମସାରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଜୀବନ ଦୀପ ଲିଭି ଯାଇଥିବା ପ୍ରାପ୍ତ ସୂଚନାରେ କୁହାଯାଇଛି । ତାଙ୍କ ଦେହାନ୍ତ ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ. ସଂସ୍କୃତି ତଥା ଅଭିନୟ ଜଗତରେ ବିଶେଷ କ୍ଷତି ଆଣି ଦେଇଛି ।

'ଶଳା ବୁଢ଼ା', 'ଆଦିମ୍ ବିଚାର', 'ଶଳା ବୁଢ଼ାର ବଦ୍‌ଲା' ଆଦି ଚଳଚ୍ଚିତ୍ରରେ ନିଖୁଣ ଅଭିନୟ କରିଥିବା କବି, ସାହିତ୍ୟିକ, ଔପନ୍ୟାସିକ, ନାଟ୍ୟକାର, ସଂସ୍କୃତି ସାଧକ ଅଟଳ ବିହାରୀ ପଣ୍ଡା ଚାଲିଗଲେ । ତାଙ୍କ ଦେହାନ୍ତ ସାରା ପଶ୍ଚିମ ଓଡ଼ିଶାରେ ଶୋକର ଛାୟା ଖେଳାଇ ଦେଇଛି । ପଶ୍ଚିମ ଓଡ଼ିଶାର କବି, ଲେଖକ, ସାହିତ୍ୟିକ ତଥା ନାଟ୍ୟକାର ଓ ଅଭିନେତା ସମୂହ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଥିବା ବେଳେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

ତାଙ୍କ ଯୁବକ ସୁଲଭ ଅଭିନୟ ଦୀର୍ଘ ବର୍ଷ ହେଲା ପଶ୍ଚିମ ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ଗଭୀର ଆତ୍ମୀୟତା, ନିଷ୍କପଟ ଭାବ ଓ ସମସ୍ତଙ୍କୁ ସାଉଁଟି ନେବା ଭଳି ପରମ ଗୁଣର ଅଧିକାରୀ ଥିଲେ ସ୍ୱର୍ଗତ ଅଟଳ ବିହାରୀ ପଣ୍ଡା । ତାଙ୍କୁ ହରାଇ ଆଜି ଝୁରୁଛି ସାରା ପଶ୍ଚିମ ଓଡ଼ିଶା ।



## ଆଉ ଶୁଣିବାକୁ ମିଳିବନି କୋଶଲୀ କବି ଚତୁର୍ଭୁଜ ସାଆନ୍ତଙ୍କ ଭାବ ଗମ୍ଭୀର ବିମୁଗ୍ଧ କବିତା : ଚାଲିଗଲେ ସାଆନ୍ତ କବି

ଟିଟିଲାଗଡ଼, (ନିପ୍ର) : ଆଉ ଶୁଣିବାକୁ ମିଳିବନି କୋଶଲୀ କବି ଚତୁର୍ଭୁଜ ସାଆନ୍ତଙ୍କ ଭାବ ଗମ୍ଭୀର କବିତା । ବଲାଙ୍ଗିର କିମ୍‌ସ୍ କୋଭିଡ୍ କେୟାର୍ ସେଂଟର୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଦେହାନ୍ତ ହୋଇଯାଇଛି । କୋଭିଡ଼ ଆକ୍ରାନ୍ତ ହେବାପରେ ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଗୋଟିଏ ଦିନ ପରେ ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ କଲେଜ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା । ସେଠାରୁ ପୁଣି ତାଙ୍କୁ ବଲାଙ୍ଗିର କିମ୍‌ସ୍ କୋଭିଡ୍ କେୟାର୍ ସେଂଟର୍‌କୁ ଅଣାଯାଇଥିଲା । ଚିକିତ୍ସକଙ୍କ ଅକ୍ଲାନ୍ତ ପରିଶ୍ରମ ପରେ ମଧ୍ୟ ମାତ୍ର ୫୫ ବର୍ଷ ବୟସରେ କବି ଚତୁର୍ଭୁଜ ସାଆନ୍ତଙ୍କ ପରଲୋକ ହୋଇଯାଇଥିବା ସୂଚନା ମିଳିଛି ।

କବି ଚତୁର୍ଭୁଜଙ୍କ କୋଶଲୀ କବିତା ଗ୍ରନ୍ଥ 'ଦଲ୍‌ଦଲି' ଓ 'ଧର୍‌ସା' କୋଶଲୀ ସାହିତ୍ୟ ଜଗତ ପାଇଁ ଅମୂଲ୍ୟ ଦାନ । ତାଙ୍କ କବିତା ଜଗତରେ ରହିଥିବା ଗଭୀର ଭାବ ଓ ମାଟିମନସ୍କ ପ୍ରଚଣ୍ଡ ମାନସିକତା ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା । ଟିଟିଲାଗଡ଼ ବିଇଓ କାର୍ଯ୍ୟାଳୟରେ ମୁଖ୍ୟ କିରାଣୀ ଭାବେ ସେ କାର୍ଯ୍ୟରତ ଥିଲେ ମଧ୍ୟ ଜଣେ ନିଆରା କବି ଭାବେ ସାରା ପଶ୍ଚିମ ଓଡ଼ିଶାରେ ପରିଚିତ ଥିଲେ । କବିତା ଲେଖିବା ଅପେକ୍ଷା କବିତାକୁ ମନଭରି ଜୀଇଁବାକୁ ତାଙ୍କ ଭିତରେ ପ୍ରବଳ ଆବେଗ ଭରି ରହିଥିଲା । ତାଙ୍କ ଭିତରେ ଭରି ରହିଥିଲା ଜୀବନ ଦର୍ଶନର ଏକ ପରିବ୍ୟାପ୍ତ ଆକାଶ । ତାଙ୍କୁ ହରାଇ ଆଜି ଏକ ବିରାଟ ଶୂନ୍ୟସ୍ଥାନକୁ ସାମ୍ନା କରିଛି କୋଶଲୀ ସାହିତ୍ୟ ଜଗତ ।

ବଲାଙ୍ଗିର ନିକଟସ୍ଥ ଶିବତଲା ପାଖରେ ରହିଥିବା ତାଲପାଲି ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ରାଜେନ୍ଦ୍ର ମହାବିଦ୍ୟାଳୟରେ ପଢ଼ିବା ଦିନଠାରୁ ବଲାଙ୍ଗିର ସହରରେ ରହି ଆସୁଥିଲେ । ପରବର୍ତ୍ତୀ ସମୟରେ ସେ ଟିଟିଲାଗଡ଼ରେ ସକୁଟୁମ୍ବ ଦୀର୍ଘ ବର୍ଷ ହେଲା ରହିଥିଲେ । ଜଣେ ବନ୍ଧୁବତ୍ସଳ, ସ୍ନେହୀ, ଦରଦୀ ମଣିଷ ଭାବରେ ସେ ଟିଟିଲାଗଡ଼ର ଘରେ ଘରେ ପରିଚିତ ଥିଲେ । ସାହିତ୍ୟ ସଂସ୍କୃତି ଦିଗରେ ତାଙ୍କର ବିଶେଷ ଶ୍ରଦ୍ଧା ରହିଥିବା ବେଳେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ତଥା ସାଂସ୍କୃତିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ ।

ତାଙ୍କୁ ହରାଇ ଟିଟିଲାଗଡ଼ ମାଟି ତଥା ବଲାଙ୍ଗିର ମାଟି ଅନେକ କିଛି ହରାଇଛି ବୋଲି ସାହିତ୍ୟିକ ମହଲରେ ମତପ୍ରକାଶ ପାଇଛି । ଶିକ୍ଷା ବିଭାଗର ସହକର୍ମୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି । 'କୋଶଳ ପ୍ରବାହ' ପରିବାର ତାଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରିଛି । ତାଙ୍କ ଧର୍ମପତ୍ନୀ ତଥା ଦୁଇ ଝିଅଙ୍କୁ ଛାଡ଼ି ସେ ସ୍ୱର୍ଗାରୋହଣ କରିଛନ୍ତି । ତାଙ୍କ ଭଳି ଜଣେ କବି ଏଇ ମାଟିର ଅମୂଲ୍ୟ ସଂପାଦ ବୋଲି କୁହାଯାଉଥିବା ବେଳେ ସେ ସବୁଦିନ ପାଇଁ କୋଶଲୀ ସାହିତ୍ୟ ଜଗତରେ ଅମର ହୋଇ ରହିବେ ବୋଲି କୁହାଯାଇଛି ।



# ବଂଚିବା ଓ ବଂଚେଇବା

## ରଶ୍ମି ରଞ୍ଜିତା ସିଂହ

ସୃଷ୍ଟିର ଦାନ ସ୍ୱରୂପ ଆମେ ସମସ୍ତେ ପ୍ରାଣୀ ଜଗତ, ସମସ୍ତେ ଆପଣା ଆପଣା କର୍ମରେ ବନ୍ଧା ଏଇ ପୃଥିବୀ ରଙ୍ଗମଂଚରେ । ଅଭିନୟ ସାରିବା ପରେ ନିଜ ନିଜ ରାସ୍ତାରେ ବାହୁଡ଼ିବା ବିଧେୟ । କିନ୍ତୁ କିଏ ବି ଜାଣନ୍ତିନି ସେ ବାହୁଡ଼ିବାର ବେଳା ଯେ କେତେବେଳେ କାହା ପାଖରେ କେମିତି ଭାବରେ ପହଂଚି ଯାଏ । ସେତେବେଳେ ଭାରି କଷ୍ଟ ଲାଗେ ପରିବାର, ଆତ୍ମୀୟ ସ୍ୱଜନର ମୋହକୁ ତୁଟେଇ କାହାକୁ ଛାଡିବାକୁ ଆରପାରିକୁ । ହେଲେ ବିଧିର ନିୟମକୁ କିଏ ବା ଅଟକେଇ ପାରିବ ।

ଯେବେ ଆସିଥାଉ ଏକା, ଯିବାକୁ ହୁଏ ଏକା ଏକା । ସାରା ବିଶ୍ୱରେ ଆଜି କରୋନା ତାଣ୍ଡବ ଲୀଳା କରି ଚାଲିଛି । ସମସ୍ତ ସାମାଜିକ, ପାରିବାରିକ, ରାଜନୈତିକ, ଅର୍ଥନୈତିକ ଓ ଶିକ୍ଷା ସ୍ତରକୁ ଚିପୁଡି ସାରିଲାଣି ତା କରାଳ ଗତିରେ । କିଏ ଜ୍ଞାନୀ, ଅଜ୍ଞାନୀ କିଏ ଧନୀ, ଗରିବ, କେହି ବର୍ତ୍ତି ଯାଇପାରୁ ନାହାନ୍ତି ତା' କବଳୁ । ସତେ ଯେମିତି ପୃଥିବୀ ପୃଷ୍ଠରେ ପଦାର୍ପଣ କରିଛି ଏବେ ମଣିଷ ମାନଙ୍କ ଛାଡ଼ଖାଇ ମନାଇବାକୁ । କେତେ ପରିବାର ଯେ ଉଜୁଡି ଗଲାଣି ତାର ପ୍ରକୃତ ହିସାବ ନାହିଁ । କେତେ ଗୁଣୀ, ଜ୍ଞାନୀ, ବୁଦ୍ଧିଜୀବୀ, ଡାକ୍ତର, କଳାକାର, ରାଜନେତା, ସାମ୍ବାଦିକ, ସରକାରୀ-ବେସରକାରୀ କର୍ମଚାରୀ, ମଧ୍ୟବିତ୍ତ, ନିମ୍ନବିତ୍ତ ପରିବାର ଲୋକଙ୍କ ମୁଣ୍ଡ ଖାଇସାରିଲାଣି । ଦେଖୁ ଦେଖୁ ସଂସାର ଉଜୁଡି ଯାଉଛି କ୍ଷଣିକେ । କୋଉଠି ବୃଦ୍ଧ ବାପା ମାଆ ଆଗରେ ଯୁଆନ୍ ରୋଜଗାରିଆ ପୁଅ ଚାଲି ଗଲାଣି ତ କେଉଁଠି ବାଳୁତ ଛୁଆ ବାପା ମାଆ ଛେଉଣ୍ଡ ହୋଇଗଲେଣି । ଆଉ କୋଉଠି ନବ ବିବାହିତା ସ୍ତ୍ରୀର ଶଙ୍ଖା ସିନ୍ଦୁର ଉଜୁଡି ଗଲାଣି । ନୂଆ ଜୀବନ ଆରମ୍ଭ ହେବା ଆଗରୁ ଶେଷ ହେଇଗଲାଣି ସବୁକିଛି । ତା' ଉପରେ ଜୀବନ ଜୀବିକାରେ ତାଲା । ବେରୋଜଗାର ପରିସ୍ଥିତିରେ ଦିନ ମଜୁରିଆଙ୍କ ଦୁଃଖ କହିଲେ ନ ସରେ । ପରିବାର ପ୍ରତିପୋଷଣର ଭାର ତାଠୁଁ ବଳି ଯାଉଛି । ବୋଝ ଉପରେ ନଳିତା ବିଡା ସଦୃଶ । ବାସ୍ତବିକ ଖୁବ୍ ବିଷମ ପରିସ୍ଥିତିରେ ସଂସାର ଏବେ ଉବୁଟୁବୁ । ଯାହା ହୋଇଗଲେ ମଧ୍ୟ ସମୟର ଚକ କି ଅଖ କେବେ ଥକେନି । ଗଡି ଚାଲିଥାଏ ଆଗକୁ ଆଗକୁ । ଜନ୍ମ ନେଇଛୁ ଏ ଧରା ପୃଷ୍ଠରେ ଯେତେବେଳେ ମୃତ୍ୟୁ ତ ସୁନିଶ୍ଚିତ । ପ୍ରତ୍ୟେକ ସଜୀବ ପ୍ରାଣୀଙ୍କ କ୍ଷେତ୍ରରେ ସେ ହେଉ ଗଛ ଲତା, କୀଟ ପତଙ୍ଗ, ଜୀବଜନ୍ତୁ କି ମଣିଷ । ତେବେ ବଂଚିଥିବା ପର୍ଯ୍ୟନ୍ତ ଆମେ ସମସ୍ତେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥାଉ । ପୁଣି ସେଥିରୁ ମୁକୁଳିବାର ଉପାୟ ବାହାର କରୁ ଏବଂ ଧୀରେ ଧୀରେ ସବୁ ଜିନିଷ ପୁଣି ସାଧାରଣ ପ୍ରକିୟାରେ ପରିଚାଳିତ ହୋଇଥାଏ । ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ ଚକ୍ର ତ ଘୁରିବା ସ୍ୱାଭାବିକ ପ୍ରକିୟା । ଠିକ୍ ସେମିତି ସାରା ବିଶ୍ୱରେ ବର୍ତ୍ତମାନ ଗୋଟେ ଦୁଃଖଦ ସମୟ, କଷ୍ଟ ଦାୟକ ସମୟରେ ଅତିକ୍ରାନ୍ତ କରୁଛି । ଧୈର୍ଯ୍ୟର ସହକାରେ ଆମକୁ ଏ ସମୟକୁ ସାମ୍ନା କରିବାକୁ ହେବ ଏବଂ ଆଗକୁ ବଂଚିବାକୁ ମଧ୍ୟ ହେବ । ତେବେ ଆମକୁ ସୁଦୃଢ କରିବାକୁ ହେବ । ନିଜର ମାନସିକ ଅବସ୍ଥାକୁ ସକାରାତ୍ମକ ଦିଗରେ ସୁଦୃଢ କରିବାକୁ ହେବ ଏବଂ ନିଜ ନିଜ କର୍ତ୍ତବ୍ୟ ପଥରେ ପରିଚାଳିତ ହେବାକୁ ପଡିବ । ପରସ୍ପର ପ୍ରତି ସମ୍ବେଦନଶୀଳ ଓ ସହଯୋଗର ହାତ ବଢାଇବା, ଏ ପ୍ରକାର ବିଷମ ପରିସ୍ଥିତିରେ ନିହାତି ଆବଶ୍ୟକ । ରୋଗକୁ ଘୃଣା କରିବା.. ରୋଗୀକୁ କି ତା ପରିବାରକୁ ଘୃଣା କରି ଅମାନବିକତାର ପରିଚୟ ସୃଷ୍ଟି କରିବା ଉଚିତ ନୁହେଁ । ଯଥା ସମ୍ଭବ ନିଜକୁ ସୁରକ୍ଷିତ ରଖିବା ସହିତ ଅନ୍ୟକୁ ମଧ୍ୟ ସହଯୋଗ କରିବା ।

'ଏକତାର ବଳ'କୁ ଭାଙ୍ଗି ଦେଇଛି ଏ ମହାମାରୀ କରୋନା, କିନ୍ତୁ ମୂଳମନ୍ତ୍ରକୁ କେବେ ବି ଚୁନା କରି ପାରିବନି ଯଥେଷ୍ଟ ବିଶ୍ୱାସ ଅଛି । ମନ୍ତ୍ର ଗୁଡିକ ଭିତରେ ହେଲା (୧)ସରକାରଙ୍କ ନିୟମକୁ ମାନି ଚାଲିବା, (୨) ଯେହେତୁ ଆମେ ପରସ୍ପରକୁ ଭଲପାଉ, କାହାର କ୍ଷତି ନ ହେଉ ସେଥିପାଇଁ ସାଙ୍ଗଠନିକ ବା ଏକତ୍ରିତ ନ ହୋଇ ଦୂରତା ରକ୍ଷା କରିବା, (୩) ନିୟମିତ ବ୍ୟାୟାମ କରିବା, (୪) ଟୀକାକରଣ ପ୍ରକିୟାକୁ ଆମୋଘ ଅସ୍ତ୍ର ରୂପେ ଆପଣେଇବା ଓ ନିଜ ମାନସିକ ଅବସ୍ଥାକୁ ସୁଦୃଢ କରିବା ଏବଂ ଧୈର୍ଯ୍ୟ ସହକାରେ ଏ ପ୍ରକାର କଠିନ ସମସ୍ୟାର ସମାଧାନ କରିବାରେ ସହଭାଗିତା କରିବା । କିନ୍ତୁ ଏ କଥାକୁ ଏଡାଇ ହେବ ନାହିଁ ଯେ ଆମ ଦ୍ୱାରା ହୋଇଥିବା ମାରାତ୍ମକ ଭୁଲର ଶିକାର ମଧ୍ୟ ଆମେ ନିଜେ ଭୋଗୁଛୁ କିଛି ମାତ୍ରାରେ । ନିଶ୍ୱାସରେ ବ୍ୟାଘାତ ଜନିତ ମୃତ୍ୟୁକୁ ବାଧ ହୋଇ ଆପଣେଇବାକୁ ପଡୁଛି । ଯଦି ଆମେ ଅନୁଶୀଳନ କରିବାକୁ ଯାଇ କିଛି ବର୍ଷ ପଛକୁ ଫେରି ଯିବା ତ ନିଶ୍ଚୟ ବୁଝି ପାରିବା ଯେ ଆମ ପରିବେଶକୁ ଆମେ କିପରି ନିଜେ ଭାଙ୍ଗି ରୁଜି ଚୁନା କରିଦେଇଛୁ । ପ୍ରକୃତିର ପ୍ରତିରକ୍ଷା ବାହିନୀ ଯିଏ କି ଆମ ସୁରକ୍ଷା ନିମନ୍ତେ ଆମ ଚତୁପାର୍ଶ୍ୱରେ ଦଣ୍ଡାୟମାନ, ଆମେ ତାକୁ ନିଜ ହାତରେ ନିଜେ ନଷ୍ଟ କରିଛୁ । 'ଆପଣା ହସ୍ତେ ଜିହ୍ୱା ଛେଦି' । ସୌର ଜଗତର ଆଠ ଗୋଟି ଗ୍ରହ ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ଇଉରେନ୍ସ, ନେପଚୁନ ଏବଂ ବାମନ ଗ୍ରହ ରୂପେ ପରିଗଣିତ ପ୍ଲୁଟୋ ସମେତ ସମସ୍ତ ନକ୍ଷତ୍ର ପୁଞ୍ଜକୁ ନେଇ ଗଠିତ ଆମ ସୌରମଣ୍ଡଳ । ସମସ୍ତ ଗ୍ରହ ମଧରୁ ସବୁଠୁ ସୁନ୍ଦର ଆମର ଏଇ ପୃଥିବୀ ମଣ୍ଡଳ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପାହାଡ଼, ପର୍ବତ, ନଦୀ, ଝରଣା, ବୃକ୍ଷଲତା, ପଶୁ ପକ୍ଷୀର କାକଳି, ମାଟିର ବାସ୍ନା, ସାଗରର ନୀଳ ଜଳରାଶି, ଖୋଲା ଆକାଶ ତଳେ ବେଶ ରାଜତ୍ୱ କରି ଚାଲିଛନ୍ତି ନିଜ ନିଜ ଧର୍ମକୁ ନିଭେଇ କାହିଁ କେଉଁ ପ୍ରାଚୀନ କାଳରୁ । ବଂଚିବାର ମୁଖ୍ୟ ତିନୋଟି ଆବଶ୍ୟକତାକୁ ଅନାୟାସରେ ସାଉଁଟି ଆଣୁ ଏଇ ପ୍ରକୃତି କୋଳରୁ । ଆହାର, ବସ୍ତ୍ର, ବାସଗୃହ, ନିଶ୍ୱାସ ପ୍ରଶ୍ୱାସ ସମସ୍ତ ବଂଚିବାର ଶୈଳୀ ଯୋଗେଇ ଦିଏ ଏଇ ପ୍ରକୃତି । ତଥାପି ତା ମନଲୋଭା ଉପମାରୁ କ୍ଷୁର୍ଣ୍ଣ ହୁଏନି କିଛି । ଆଉ ଆଜି ଯଦି ସୌନ୍ଦର୍ଯ୍ୟରେ କମି ଦିଶୁଚି ତ ଦାୟୀ କେବଳ ମନୁଷ୍ୟ ସଭ୍ୟତା ପାଇଁ । ଆମ ଜୀବନ ଶୈଳୀ ବଦଳିବା ସହିତ ଧୀରେ ଧୀରେ ପରିବେଶ, ପାଣିପାଗ ବଦଳିବାରେ ଲାଗିଛି । ପରିବେଶ ପ୍ରଦୂଷିତର ଭୂମିକା ଶୀର୍ଷରେ ସେଇ ମଣିଷ । ବିଶୁଦ୍ଧ ଜଳରାଶିକୁ ବିଭିନ୍ନ ଆବର୍ଜନା, କଳକାରଖାନାରୁ ନିର୍ଗତ ଦୂଷିତ ପଦାର୍ଥକୁ ନଦୀ ଜଳରେ ଛାଡି ଦେଇ ଦୂଷିତ କରିବା ପଛରେ ସେଇ ମଣିଷ । ଅତ୍ୟାଧୁନିକ ପ୍ରଣାଳୀ ପ୍ରୟୋଗ କରି ଅଧିକ ଉତ୍ପାଦନ ଲୋଭରେ ମୃତ୍ତିକାର ଉତ୍କୃଷ୍ଟ ଗୁଣକୁ ନଷ୍ଟ କରିବା ପଛରେ ବି ସେଇ ମଣିଷ । ବର୍ତମାନ ପରିବେଶରେ ଋତୁ ଅନୁଯାଇ ପାଣିପାଗର ଅନିମିୟତା ପରିଲକ୍ଷିତ ହେବାରେ ଲାଗିଛି । ଅର୍ଥାତ ଧରା ଶ୍ରାବଣରେ ବି ଗ୍ରୀଷ୍ମର ପ୍ରକୋପ, ହାଡ଼ ଭଙ୍ଗା ଶୀତ ଅନୁଭବ ହେବା ସମୟରେ ଅଦିନିଆ ବର୍ଷା ଏବଂ ଗ୍ରୀଷ୍ମ ଦିନେ ଅତ୍ୟଧିକ ତାତିରେ ଜନଜୀବନ ହନ୍ତସନ୍ତ ହେବାରେ ଲାଗିଛି । ଓଜନ ସ୍ତରରେ ରନ୍ଧ୍ର ସୃଷ୍ଟି ହେବା କାରଣରୁ ସୂର୍ଯ୍ୟଙ୍କର ଅତିବାଇଗଣୀ ରଶ୍ମି ସିଧା ସଳଖ ପୃଥିବୀ ଉପରେ ପଡୁଛି, ଯାହା ଫଳରେ କି ବିଭିନ୍ନ ଚର୍ମ ରୋଗ ଓ କ୍ୟାନ୍ସର ଭଳି ମାରାତ୍ମକ ରୋଗ ବଢ଼ି ଚାଲିଛି । ବିଳାସ ପୂର୍ଣ୍ଣ ଜୀବନ ଅତିବାହିତ କରିବା ଏବଂ ଅଧିକ ଅର୍ଥ ଲାଗି ବିଭିନ୍ନ କଳକାରଖାନା ସ୍ଥାପନ କରିବାକୁ ଯାଇ ଉପକାରୀ ବୃକ୍ଷକୁ କାଟି ସଫା କରି ଦେଉଛୁ । ଯଦ୍ୱାରା ଅମ୍ଳଜାନର ଅଭାବ ମଧ୍ୟ ହେବାରେ ଲାଗିଲାଣି । ତା ଛଡା ପ୍ରାକୃତିକ ବିପର୍ଯ୍ୟରେ ଯେତିକି ଗଛ ନଷ୍ଟ ହେଉଛି ପ୍ରତିବଦଳରେ ପ୍ରତିରୋପଣର ଘୋର ଅଭାବ ହେଉଛି । ଏପରି ପ୍ରକିୟାରେ ଯଦି ପରିବର୍ତନ କରାନଯିବ, ତେବେ ଭବିଷ୍ୟତରେ ସାଧାରଣ ଜୀବନ ଯାପନ କଷ୍ଟ ସାଧ ହୋଇ ପଡିବ ।

ଏଣୁ ବେଳ ଥାଉ ଥାଉ ଆମକୁ ସତର୍କ ହେବାକୁ ପଡିବ । ଆମ ଦ୍ୱାରା ହେଉଥିବା ତ୍ରୁଟିକୁ ସଂଶୋଧନ କରିବାକୁ ପଡିବ । ସୁସ୍ଥ ପରିବେଶକୁ ବଂଚେଇବାକୁ ହେବ । ସମସ୍ତେ ମିଳିମିଶି ନିଜ ଅଂଚଳରେ ଯଥା ସମ୍ଭବ ବୃକ୍ଷରୋପଣ କରିବାକୁ ହେବ ଏବଂ ଆଗାମୀ ପୀଢ଼ିକୁ ସୁସ୍ଥତାର ସହ ବଂଚେଇ ବାକୁ ପଡିବ । ସେଥିପାଇଁ ଆମ ସମସ୍ତଙ୍କ ପ୍ରଚେଷ୍ଟା ଏକାନ୍ତ କାମ୍ୟ ।



## ସଂପାଦକୀୟ



ବିଶିଷ୍ଟ କବି ଚତୁର୍ଭଜ ସାଆନ୍ତଙ୍କୁ ଅଶ୍ରୁଳ ଶ୍ରଦ୍ଧାଂଜଳି ପ୍ରଦାନ ଉଦ୍ଦେଶ୍ୟରେ ଏହି ସଂଖ୍ୟାର ସଂପାଦକୀୟ ସ୍ତମ୍ଭ ସମର୍ପିତ ।

# ଗ୍ରାମାଂଚଳରେ ଲକଡାଉନ୍ ସଟଡାଉନର ପ୍ରଭାବ



ବଲାଙ୍ଗିର, (ନିପ୍ର) : କରୋନା କଟକଣା ଯୋଗୁଁ ବିଶେଷ କରି ଦୋକାନ ବଜାର ପ୍ରାୟ ସମୟ ବନ୍ଦ ରହୁଥିବାରୁ ବେପାରୀମାନଙ୍କୁ ନାହିଁ ନ ଥିବା କ୍ଷତି ସହିବାକୁ ପଡୁଛି । ଏହି ପ୍ରଭାବ ଖାଲି ଯେ ଦୋକାନୀ ମାନଙ୍କ ଉପରେ ପଡୁଛି ତା' ନୁହେଁ ବରଂ ଗରିବ ଖଟିଖିଆ ଶ୍ରମିକ ଶ୍ରେଣୀର ଲୋକମାନଙ୍କ ଉପରେ ବି ବହୁମାତ୍ରାରେ ପଡିଥିବାର ଦେଖିବାକୁ ମିଳିଛି । ଏ ବର୍ଷ ଗ୍ରମାଂଚଳରେ ବିକ୍ଷେଶ ମାତ୍ରାରେ ଶ୍ରମିକ ମାନଙ୍କୁ କାମ ମିଳୁନଥିବାରୁ ବହୁ ଦୁଃଖ କଷ୍ଟରେ ଚଳୁଛନ୍ତି । କେମିତି ପରିବାର ଚଳେଇବେ ସେ ଚିନ୍ତାରେ ଅଛନ୍ତି ଶ୍ରମିକ ମାନେ । ଏଇ କିଛିଦିନ ହେଲା ରାସ୍ତାକଡ଼ରେ କିଛି ଲୋକ ତାଲ୍, ଖଜୁରୀ, ଜାମୁକୋଳି, ଆମ୍ବ ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି । ଆମେ ଭେଟିଥିଲୁ ଏମିତି କିଛି ରାସ୍ତା କଡରେ ପସରା ମେଲାଇ ବସିଥିବା ଲୋକଙ୍କୁ । ତାଙ୍କୁ ପଚାରି ବୁଝିଥିଲୁ ଏଥିରେ କ'ଣ ପରିବାର ପୋଷି ହେଉଛି ? ତାଙ୍କ ଉତ୍ତର ଥିଲା- 'ଇହାଦେ ତ କାମ୍ର ଅଭାବ୍, ବସବାର୍ ଅପେକ୍ଷା ଗୁଢି ବେଟବାର୍ ଟା ଭଲ୍ । ଯେନତା କଲେ ତ ପେଟର୍ ଲାଗି କିଛି ଗୁଟେ କଲେ ଯାଏ ଚଲେ । ହେତିର ଲାଗି ଗଛୁ ଖଜୁର୍, ତାଲ୍, ଜାମ୍, କୁଶଂଗ ଝାରିକରି ଅଢିଆ ଖର୍ଚା ବାହାର କରୁଛୁଁ ।' ଏମିତି ବହୁତ ଲୋକ ଜୀବନ ଜୀବିକା ହରାଇ ନିରାଶ ମନରେ ଏମିତି ପନ୍ଥା ଆପଣାଇଲେଣି । କ'ଣ ବା କରିବେ । ଏପଟେ କରୋନା ମାଡ, ସେପଟେ ପେଟର ଜ୍ୱାଳା । କେବେ ଉଠିବ ଲକଡାଉନ୍ ? ସଟଡାଉନ୍ ? ସେ ସମୟକୁ ଚାହିଁ ରହିଛନ୍ତି ଗରିବ ଖଟିଖିଆ ଦିନ ମଜୁରିଆମାନେ ।

ଗତ ବର୍ଷ ଯେତେବେଳେ କରୋନାର ପ୍ରଥମ ଲହର ଯୋଗୁଁ ଲକ୍‌ଡାଉନ୍, ସଟ୍‌ଡାଉନ୍ ଘୋଷଣା ହୋଇଥିଲା, ସେହି ସମୟରେ ମଧ୍ୟ ଗରିବ ଖଟିଖିଆ ଦିନ ମଜୁରିଆଙ୍କ ଦୁଃଖ ଅସମ୍ଭାଳ ହୋଇ ପଡ଼ିଥିଲା । ବିଶେଷ ସମସ୍ୟା ଭାବରେ ଠିଆ ହୋଇଥିବା ପ୍ରବାସୀ ଶ୍ରମିକମାନଙ୍କ ଘରବାହୁଡ଼ା ଦୃଶ୍ୟ । କିନ୍ତୁ ଚଳିତ ଦ୍ୱିତୀୟ ଲହରରେ କରୋନା ଆହୁରି ଦାଉ ସାଧିଛି । ଗତ ଥର ଅପେକ୍ଷା ଏଥର ଅନେକ ଜୀବନ ନେଇଛି କରୋନା । ଲୋକେ ଆତଙ୍କିତ ହୋଇ ପଡ଼ିଥିବା ବେଳେ ଜୀବିକା ଆହୁରି ହରଡ଼ଘଣାରେ ଫସିଛି ।

ସଚେତନତା ତଥା ସମୟୋଚିତ ପଦକ୍ଷେପ ଦ୍ୱାରା କରୋନାକୁ ପରାସ୍ତ କରାଯାଇ ପାରିବ । କରୋନା ସଂକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଯେଉଁସବୁ ନିୟମ ରହିଛି, ତାହାକୁ ପାଳନ କଲେ, କରୋନା ପାଖ ମାଡ଼ିବ ନାହିଁ । ବାରମ୍ବାର ହାତ ଧୋଇବା, ମୁହଁରେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ସାନିଟାଇଜର୍ ବ୍ୟବହାର କରିବା ଉପରେ ବିଶେଷ ଧ୍ୟାନ ଦେବା ଜରୁରୀ । ସବୁଠାରୁ ବେଶୀ ଜରୁରୀ ହେଲା, ନିହାତି ଦରକାର ନ ହେଲେ ଘରୁ ନ ବାହାରିବା । ଯେମିତି ସମ୍ଭବ ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ ।

- ଜଣେ ଶୁଭେଚ୍ଛୁ

# ସଇଁନ୍ତଲା ପୋଲିସ ପକ୍ଷରୁ ଅମାନିଆ ଠାରୁ ଫାଇନ ଆଦାୟ



ସଇଁନ୍ତଲା, (ନିପ୍ର) : ରାଜ୍ୟ ସରକାରଙ୍କ ପକ୍ଷରୁ କରୋନା ମହାମାରୀକୁ ନେଇ ଲକଡାଉନ୍ ଓ ସଟଡାଉନ୍ ଗତ ୫ ତାରିଖ ଦିନ ଠାରୁ ଆରମ୍ଭ କରିଥିଲେ । କରୋନା ମହାମାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ୧୭ ତାରିଖ ପର୍ଯ୍ୟନ୍ତ ପୁଣି ବଢ଼ାଇଛନ୍ତି । କିନ୍ତୁ ଲୋକଙ୍କ ସଚେତନତା ଅଭାବରୁ ଦିନକୁ ଦିନ କରୋନା ତାର କାୟା ବିସ୍ତାର କରି ଚାଲିଥିବା ବେଳେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ପୋଲିସ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି । ସ୍ଥାନୀୟ ଥାନା ସମ୍ମୁଖରେ ପୁଲିସ ଏଏସଆଇ ମନୋଜ କୁମାର ନାଏକଙ୍କ ଉପସ୍ଥିତରେ ପୁଲିସ କର୍ମଚାରୀଙ୍କ ସହଯୋଗରେ ଅମାନିଆଙ୍କ ଠାରୁ ୧୭,୫୦୦ ଟଙ୍କା ଫାଇନ ଆଦାୟ କରିବା ସହ ବିନା କାରଣରେ ବାହାରକୁ ବାହାରନ୍ତୁ ନାହିଁ ବୋଲି ଲୋକଙ୍କୁ ମଧ୍ୟ ପୁଲିସ ପ୍ରଶାସନ ପକ୍ଷରୁ ସଚେତନତା କରାଯାଇଛି ।

# ଗାନ୍ଧୀ ସ୍ମୃତି କମିଟି ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ



ପୁଇଁନ୍ତଲା, (ନିପ୍ର) : ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ କୁରୁଲ ରାମଜୀ ହାଇସ୍କୁଲ ଠାରେ ଗାନ୍ଧୀ ସ୍ମୃତି କମିଟି ତରଫରୁ ବିଶ୍ୱ ପରିବେଶ ଦିବସ ଅବସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନ ବିଶ୍ୱରେ କରୋନା ମହାମାରୀର ଦ୍ୱିତୀୟ ଲହର ଚାଲିଥିବା ବେଳେ ଅମ୍ଳଜାନ ଯୋଗୁଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେଣୁ କରୋନା ମହାମାରୀର ପ୍ରକୋପକୁ ଆଖି ଆଗରେ ରଖି କମିଟି ତରଫରୁ ଅଳ୍ପ ସଂଖ୍ୟକ ସଦସ୍ୟରେ କରୋନା ମହାମାରୀର ନିୟମକୁ ମାନି ବୃକ୍ଷ ରୋପଣ କରାଯାଇ ସଦସ୍ୟମାନଙ୍କ ମଧ୍ୟରେ ବୃକ୍ଷର ମହତ୍ୱ ଗୋଟିଏ ବୃକ୍ଷ ଆମକୁ ଶହ ଶହ ଉପକାର ଦେଇଥାଏ ବୋଲି ମତପ୍ରକାଶ ପାଇଥିଲା । ଏହି ଉଦ୍ଦେଶ୍ୟରେ ସମାଜକୁ ସଂଦେଶ ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଥିଲା ଏବଂ ଗଛକୁ ପୂଜା କରି ବୃକ୍ଷ ରୋପଣ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ଦିଗାମ୍ବର ନାଏକ, ବଲାଙ୍ଗିର ୟୁଥ ଏକ୍ସନ କମିଟିର ସଭାପତି ବିନୋଦ କାଲସାଏ, ବରିଷ୍ଠ ସାମ୍ବାଦିକ ସୁଧୀର ମିଶ୍ର, ଜୁନିୟର ରେଡକ୍ରସ ସୋସାଇଟିର ରାମ ନାରାୟଣ ଦାଶ, ଯୁବ କବି ଅର୍ଜୁନ ସାହୁ, କିଶୋର ବରିହା, ପ୍ରଶାନ୍ତ ମହାକୁର, ସରକାରୀ କୃଷି ନିର୍ଦ୍ଦେଶକ କଂଟାମାଲ କ୍ଲବର ବୌଦ୍ଧ ଜଗବନ୍ଧୁ ପଟେଲ, ପୂର୍ବତନ ଉପ-ଅଧ୍ୟକ୍ଷ ସଦାନନ୍ଦ ନାଏକ, ବିଧାନ ଚନ୍ଦ୍ର ନାଏକ, ସୁକଦେବ ପଟେଲ, ପ୍ରଦ୍ୟୁମ୍ନ ପଟେଲ, ଶିବାନନ୍ଦ ପଟେଲ, ଓମ୍ ପ୍ରକାଶ ସେଠ, ସୋମନାଥ ସେଠ, ଆକାଶ ରାଉତ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ୩୨ ପ୍ରକାର ଗଛର ଚାରା ରୋପଣ କରାଯାଇଥିଲା ।

# ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ନିର୍ଯ୍ୟାତିତ ଶୈଶବ

- ଲାଭକାରୀ ସରକାରୀ ସଂସ୍ଥାରେ ଗୋତି ଶ୍ରମିକ ଖଟୁଛି ଶୈଶବ
- ସରକାରୀ ନିୟମକୁ ବିଭାଗୀୟ କାମଚ଼ଳା ରେଞ୍ଜଙ୍କ ଖାତିର ନାହିଁ
- ଟିଟିଲାଗଡ କେନ୍ଦୁପତ୍ର ଡିଭିଜନ ଅଧିନସ୍ଥ ବେଲଗାଁରେ ନିୟୋଜିତ ଶିଶୁ ଶ୍ରମିକ



ଟିଟିଲାଗଡ, (ନିପ୍ର) : ଆଜିର ଶିଶୁ ଆସନ୍ତାକାଲି ଦେଶର ଭବିଷ୍ୟତ । କେତେବେଳେ କେଉଁ ସମୟରେ ନିଜ ପ୍ରତିଭାର ପରିଚୟ ଦେଇ ଦେଶକୁ ଗୌରବାନ୍ୱିତ କରିବାରେ ଶିଶୁ ମାନଙ୍କ ସବୁବେଳେ ମହତ ଭୂମିକା ରହିଛି । ସେଥିପାଇଁ କୁହାଯାଏ ଆଜିର ଶିଶୁ ଦେଶର ଭବିଷ୍ୟତ ହୋଇପାରେ । ଏଥିପାଇଁ ଅନେକ କଡ଼ା ନିୟମ ପ୍ରଣୟନ କରାଯାଇଛି ଶିଶୁ ମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା ପାଇଁ । ବିଶେଷ କରି ୯ ବର୍ଷରୁ ୧୪ ବର୍ଷର ନାବାଳକ ବା ଶିଶୁମାନଙ୍କ ପାଠ ପଢିବାର ସମୟ । ଏହା ହେଉଛି ନିଜ ଜ୍ଞାନକୁ ବିକଶିତ କରିବାର ସମୟ । ସେଥିପାଇଁ ଏହି ବୟସର ପିଲାମାନଙ୍କୁ କୌଣସି କାମରେ ନିୟୋଜିତ ନକରିବା ପାଇଁ କଡ଼ା ଶିଶୁ ଆଇନ ରହିଛି । ହେଲେ ଏହି ସବୁ ନିୟମ କାନୁନକୁ ପଚାରେ କିଏ । ନିୟମ ତା ବାଟରେ, କିଏ ପଚାରେ ଏହି ସବୁ ନିୟମ କାନୁନକୁ । ଅଳ୍ପ କିଛି ଟଙ୍କା ଦେଇ ଶିଶୁ ମାନଙ୍କୁ ସରକାରୀ କାର୍ଯ୍ୟରେ ନିୟୋଜିତ କରି ବ୍ୟାପକ ଅର୍ଥକୁ ଆତ୍ମସାତ କରିବା ପାଇଁ ବିଭିନ୍ନ ପ୍ରକାର ବେନିୟମ କାମ କରିବାକୁ ପଛାଉ ନାହାନ୍ତି କିଛି ସରକାରୀ ଅଧିକାରୀମାନେ, ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଟିଟିଲାଗଡ କେନ୍ଦୁପତ୍ର ଡିଭିଜନ ଅଧିନସ୍ଥ ବେଲ୍‌ଗାଁ କେନ୍ଦୁପତ୍ର ବିଭାଗରେ । ବେଲ୍‌ଗାଁ କେନ୍ଦୁପତ୍ର ବିଭାଗରେ ଜଣେ ଫରେଷ୍ଟର ସୁଶାନ୍ତ ସାହୁ ନାମକ ବ୍ୟକ୍ତି ରେଞ୍ଜର ଭାବରେ ଅତିରିକ୍ତ ଦାୟିତ୍ୱ ବହନ କରିଛନ୍ତି । ହେଲେ ରେଞ୍ଜର ଦାୟିତ୍ୱ ବହନ କରିବା ପରେ ନିଜକୁ ରେଞ୍ଜ ଅଧିକାରୀ ଭାବରେ ବେଶ ତାଉ ଦେଖାଉଥିବା ନେଇ ଏବେ ଟିଟିଲାଗଡ ସହରରୁ ନେଇ ବିଭାଗୀୟ କେନ୍ଦୁପତ୍ର ଡିଏଫଓ ଅଫିସ ପର୍ଯ୍ୟନ୍ତ ଚର୍ଚ୍ଚା ହେଉଛି । ତେବେ ବେଲଗାଁ ସ୍ଥିତ ସରକାରୀ ରେଞ୍ଜ କାର୍ଯ୍ୟାଳୟରେ ନିକଟସ୍ଥ ଗ୍ରାମର ନାବାଳକ ମାନଙ୍କୁ କେନ୍ଦୁପତ୍ର ବିଡା ବାନ୍ଧିବା ଠାରୁ ଆରମ୍ଭ କରି ପତ୍ର ଗୋଟାଇବା, ରଙ୍ଗ ଦେବା ଜମା କରିବା ଆଦି ସବୁ କାମରେ ଶିଶୁ ଶ୍ରମିକ ମାନଙ୍କୁ ନିୟୋଜିତ କରି ସରକାରଙ୍କ ସମସ୍ତ ନିୟମକୁ ଉଲଂଘନ କରି ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ନୀରବ ରହିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ସବୁଠାରୁ ଚକିତର ବିଷୟ ଯେ, ଟିଟିଲାଗଡରେ ସ୍ଥାନୀୟ ବିଧାୟିକା ତଥା ମହିଳା ଓ ଶିଶୁବିକାଶ ବିଭାଗ ମନ୍ତ୍ରୀ ଟୁକୁନି ସାହୁ ରହିଥିବା ବେଳେ ସମସ୍ତ ବିଷୟରେ ଅବଗତ ରହି ମଧ୍ୟ ନୀରବ ସାଜିବା ଘଟଣା ପଛରେ କ'ଣ ରହସ୍ୟ ରହିଛି ତାହାକୁ ନେଇ ନାନା କଳ୍ପନା ପ୍ରକାଶ ପାଇଛି । ଗୋଟିଏ ପଟେ ମାହାମାରୀ କୋଭିଡ-୧୯ ତାର ଦ୍ୱିତୀୟ ଲହରୀରେ ସାରା ଭାରତରେ ତାର ତାଣ୍ଡବ ରଚି ଚାଲିଥିବା ବେଳେ ଏହି ଦ୍ୱିତୀୟ ଲହରୀରେ ନାବାଳକ ତଥା ଶିଶୁ ମାନଙ୍କୁ ଅଧିକ ପ୍ରଭାବିତ କରି ଚାଲିଥିବାରୁ କେନ୍ଦ୍ର ଏବଂ ରାଜ୍ୟ ସରକାର ନାବାଳକ ତଥା ଶିଶୁ ମାନଙ୍କୁ ଘରୁ ବାହାରକୁ ନବାହାରିବା ପାଇଁ ବାରମ୍ବାର ନିବେଦନ କରୁଥିବା ବେଳେ ଜିଲ୍ଲା ପ୍ରଶାସନ ମଧ୍ୟ ଅନେକ ଥର ସାମାଜିକ ଗଣମାଧ୍ୟମରେ ମଧ୍ୟ ଶିଶୁ ତଥା ନାବାଳକ ମାନଙ୍କ ପାଇଁ ବିଭିନ୍ନ ସର୍ତକତା ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରୁଥିବା ବେଳେ ବେଲଗାଁ କେନ୍ଦୁପତ୍ର ବିଭାଗରେ କେମିତି ଶିଶୁ ଶ୍ରମିକ ମାନଙ୍କୁ ସଂପୃକ୍ତ ଦାୟିତ୍ୱରେ ଥିବା ରେଞ୍ଜ ଅଧିକାରୀ ଶ୍ରୀ ସାହୁ ନିୟୋଜିତ କରିଛନ୍ତି ବୋଲି ଟିଟିଲାଗଡ ଗରିବ ସେନା ପ୍ରଶ୍ନ କରିବା ସହ ସଂପୃକ୍ତ ଅଧିକାରୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଛି । ଏମିତିକି ପ୍ରଚଣ୍ଡ ତାତିରେ ମଧ୍ୟ ଶିଶୁ ଶ୍ରମିକ ମାନଙ୍କୁ ବିଭିନ୍ନ ପତ୍ର ଫଡି ଅଂଚଳରେ କେନ୍ଦୁପତ୍ର ବିଛାଇବା, ଗୋଟାଇବା ତଥା ବିଡା ବାନ୍ଧିବା ଠାରୁ ଆରମ୍ଭ କରି କେରି ବାନ୍ଧିବା ପର୍ଯ୍ୟନ୍ତ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳିଛି । ମହାମାରୀ କୋଭିଡ୍-୧୯ ଏବଂ ପ୍ରଚଣ୍ଡ ତାତିରେ ନାବାଳକ ମାନଙ୍କୁ ବିନା ମାକ୍ସରେ ବିନା ସାମାଜିକ ଦୂରତାରେ ଗୋତି ଖଟାଉଥିବା ଅନେକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିଲେ ବି ଜିଲ୍ଲା ସିସିଏଫ କେମିତି ନୀରବ ରହୁଛନ୍ତି ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଲାଗି ରହିଛି । ତେବେ ଏନେଇ ଟିଟିଲାଗଡ କେନ୍ଦୁପତ୍ର ଡିଭିଜନର ଡିଏଫଓ ଦୀପ୍ତିକାନ୍ତ କମ୍ପଙ୍କ କହିବା କଥା ଯେ, ପୂର୍ବରୁ ତାଙ୍କ ପାଖରେ ଶିଶୁ ଶ୍ରମିକ ବା ନାବାଳକ ମାନଙ୍କୁ ନିୟୋଜିତ କରାଯାଉଥିବା ଖବର ନଥିଲା । ଏହାରି ଉପରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ବୋଲି ନିଜ ପ୍ରତିକ୍ରିୟା ଦେଇଛନ୍ତି । ତେବେ ଏ ନେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନଥିଲା ।

# ବିଜେପି କୃଷକ ମୋର୍ଚ୍ଚାର ଚାଷୀଙ୍କ ହକ୍ ପାଇଁ ଆନ୍ଦୋଳନ ଡାକରା

- ରେଜଷ୍ଟ୍ରେସନ କରିଥିବା ସମସ୍ତ ଚାଷୀଙ୍କ ଧାନ ସରକାର କିଣନ୍ତୁ
- ୟାସ୍ ବାତ୍ୟା ଓ ଅଦିନିଆଁ ବର୍ଷାରେ ଚାଷୀଙ୍କ ଧାନ କ୍ଷୟକ୍ଷତିର ସରକାର କ୍ଷତି ପୁରଣ ଦିଅନ୍ତୁ
- କଟନି ଛଟନି କରୁଥିବା ମିଲର୍ସ ବିରୁଦ୍ଧରେ ସରକାର କଡା ଆଭିମୁଖ୍ୟ ଗ୍ରହଣ କରନ୍ତୁ
- ଆସନ୍ତା ୭ ତାରିଖ ଦିନ ଜିଲ୍ଲାପାଳଙ୍କ ଜରିଆରେ ବିଜେପି ଦାବୀପତ୍ର ପ୍ରଦାନ କରିବ



ଭୁବନେଶ୍ୱର, (ନିପ୍ର) : ରବି ଧାନ କିଣା ବିକାରେ ବ୍ୟାପକ ଅବ୍ୟବସ୍ଥା, ଚାଷୀଙ୍କ ଟୋକନ ଲେପ୍ସ ହେବା, ମଣ୍ଡିରେ ୫-୬ କେଜି ଧାନ କଟନି ଛଟନି କରାଯିବା, ଅଦିନିଆ ବର୍ଷା ଯୋଗୁଁ ଚାଷୀଙ୍କ ଧାନ କ୍ଷତିଗ୍ରସ୍ତ ହେବା, ଖୋଲା ବଜାରରେ ୧୧ ଶହ ଟଙ୍କାରେ ଚାଷୀ ଧାନ ବିକ୍ରି କରୁଥିବା ଆଦି ସମସ୍ୟାକୁ ନେଇ ଓଡିଶା ପ୍ରଦେଶ ବିଜେପି କୃଷକ ମୋର୍ଚ୍ଚା ଆସନ୍ତା ୭ ତାରିଖ ଦିନ ଧାନ କିଣାବିକା ହେଉଥିବା ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଦେବା ପାଇଁ ଆଜି କୃଷକ ମୋର୍ଚ୍ଚାର ଭର୍‌ଚୁଏଲ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭର୍‌ଚୁଏଲ ବୈଠକରେ କୃଷକ ମୋର୍ଚ୍ଚାର ସମସ୍ତ ରାଜ୍ୟ ପଦାଧିକାରୀ, ରାଜ୍ୟ ସଂଯୋଜକ, ସମସ୍ତ ଜିଲ୍ଲା ସଭାପତି, କାର୍ଯ୍ୟକାରୀ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ । କାଳିଆର ୨ ହଜାର ଟଙ୍କା ଚାଷୀଙ୍କୁ ଦେଇ ଆପଣ ମାନେ ଖୁସି ତ' କହି ମୁଖ୍ୟମନ୍ତ୍ରୀ ଚୁପ୍ ହୋଇ ବସି ଯାଇଥିବାରୁ ମିଲର୍ସ, ଖାଦ୍ୟ ଯୋଗାଣ ବିଭାଗ, ସମବାୟ ବିଭାଗ ମିଳିତ ଭାବେ ଯୋଜନା ବଦ୍ଧ ଭାବେ ଚଳିତ ରବି ଋତୁରେ ଧାନ କିଣା ବିକାରେ ଚାଷୀଙ୍କ କୋଟି କୋଟି ଟଙ୍କା ଲୁଟି ନେଉଥିବାର ଅନେକ ଜିଲ୍ଲା ସଭାପତି ଅଭିଯୋଗ କରିଥିଲେ । ଅଖା, ଲୋଡିଙ୍ଗ ଅନ୍ ଲୋଡିଙ୍ଗ, ପରିବହନ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରୁଥିବା ବେଳେ ଏହି ଟଙ୍କା ଚାଷୀଙ୍କୁ ନ ଦେଇ ମିଲର୍ସ ହରିଲୁଟ କରି ନେଇଥିବାର ଅଭିଯୋଗ ହୋଇଛି । ୟାସ ବାତ୍ୟାରେ ଉପକୂଳ ଓ ଅଦିନିଆ ବର୍ଷା ଯୋଗୁଁ ପଶ୍ଚିମ ଓଡ଼ିଶାର ଚାଷୀମାନଙ୍କ ଯେଉଁ କ୍ଷୟକ୍ଷତି ହୋଇଛି ତାର କ୍ଷତିପୂରଣ ଦେବା, ଓଡ଼ିଶାରେ ଚଳିତ ରବି ଋତୁରେ ଧାନ ବିକ୍ରୀ ପାଇଁ ଯେତେ ଚାଷୀ ପଂଜିକୃତ କରିଛନ୍ତି ସେ ସମସ୍ତ ଚାଷୀଙ୍କ ଧାନ ସରକାର କିଣିବା, ଚାଷୀଙ୍କ ଧାନ କଟନି ଛଟନି କରୁଥିବା ମିଲର୍ସ ବିରୁଦ୍ଧରେ ରାଜ୍ୟ ସରକାର କଡା ଆଭିମୁଖ୍ୟ ଗ୍ରହଣ କରିବା, ଆଦି ଦାବୀ ଗୁଡିକ ନେଇ କୃଷକ ମୋର୍ଚ୍ଚା ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଭର୍‌ଚୁଏଲ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି । ଏହି ବୈଠକରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ରବି ନାୟକ, ଟଙ୍କଧର ତ୍ରିପାଠୀ, ବରିଷ୍ଠ ନେତା ରଂଜନ ପଟେଲ, କୃଷ୍ଣ ଜଗଦେଷ୍ଟ ଆଦି ଉପସ୍ଥିତ ରହି ମାର୍ଗ ଦର୍ଶନ କରିଥିଲେ ।

# ବାଲିଗୁଡାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



ବାଲିଗୁଡା, (ନିପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନାର ନୂତନ ଅଧିକାରୀ ଭାବେ ବାବାଶଙ୍କର ସରାଫ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥି ପୂର୍ବରୁ ସେ ତୁମୁଡିବନ୍ଧ ଥାନାର ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । କୋଭିଡ ମୁକାବିଲା ପ୍ରଶାସନ ପାଇଁ ଏକ ଚ୍ୟାଲେଞ୍ଜ ହୋଇଥିବା ବେଳେ ଏଥିରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଏଠାରେ ଯୋଗ ଦେବା ପରେ ଏ ଦିଗରେ ଶୃଙ୍ଖଳାର ସହ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରିବା ତାଙ୍କର ପ୍ରାଥମିକତା ରହିବ ବୋଲି ଶ୍ରୀ ସରାଫ କହିଛନ୍ତି ।

# କୋଶଲୀ କବିତା ଜଗତ୍ ଥି ସବୁଦିନେ ଜିଇଁ ରହେବେ କବି ଚତୁର୍ଭୁଜ ସାଆନ୍ତ



ସଁସାର୍ କେ ପଛ୍ କରି ପଲେଇ ଗଲେ କବି ଚତୁର୍ଭୁଜ ସାଆନ୍ତ । ତାହାଁକୁ ଝୁରୁଛେ ମାଏଟ୍, ଝୁରୁଛେ କବିତା ଜଗତ୍, ଝୁରୁଛନ୍ ସାଁଗ୍ ସର୍ସା, ମିତା ମଇତର୍ ସବେ । ଅସମିଆଁ ଥି ପଲେଇଗଲେ । ଶୂଇନ୍ ଆକାଶ୍ ଥି ଶୂଇନ୍ କବିତା ଧାଡ଼େ ହେଇଗଲେ କବି ।

କବି ଚତୁର୍ଭୁଜ ସାଆନ୍ତ ଆମର ସମିଆଁର ଝନେ ଶିଘା କବି । ୧୯୬୬ ମାର୍ଚ୍ଚ ୨ ତାରିଖ ଦିନ ବଲାଂଗୀର ଜିଲ୍ଲାର ଶିବତଲା ପାଖର ତାଲପାଲି ଗାଁଥି ତାକର ଜନମ । ମାଁ ଲକ୍ଷ୍ମୀ ସାଆନ୍ତ ଆର ବା’ ଵବାଦୁ ସାଆନ୍ତଙ୍କର ଗେଲ୍ହା ପୁଓ କବି ଚତୁର୍ଭୁଜ ଏଭେ କବିତାର ଦୁର୍ବିନ୍ ଥି ସାରା ପୁରଥି କେ ଠଅଁକେଇ ପାର୍‌ବାର ବଫୁ ବାନ୍ଧିଥିଲେ ଛାତି ନେ । ଟିଟିଲାଗଡ଼ ବିଇଓ ଅଫିସ୍ ଥି ହେଡ୍ କ୍ଲର୍କ ଭାବେ ଚାକିରୀ କରୁଥିଲେ ସିନା, ହେଲେ ଅଁଠିପହର୍ କବିତା ଭିତରେ ତାକର୍ ମନ୍ ଗୁଁଥା । ଗାଁ ମାଁର ପର୍‌ଛା ଚିନ୍‌ହା ବନା ତାକର କବିତା କେ ହର୍‌ମେସା ସୁରୁତ୍ କରୁଥିଲା ।

କୋଶଲି କବିତା ବହି ‘ଦଲଦଲି’ କବି ଚତୁର୍ଭୁଜ ସାଆନ୍ତଙ୍କର ପହେଲା କବିତା ବହି । ବହି ଥି କବି ନିଜର୍ କଥା ବଲି ଲେଖିଛନ - କିଛି ମନ ଭିତରେ ସାନି ଚିଟ୍‌କି ହଉଥିବାର ଭାବ ଆର ଭାବ୍‌ନା ସବୁ କେ ଲେଖିମିଁ ବଏଲେ କେନେ ଲେଖି ହେସି । ଦଲ୍‌ଦଲିର ସଁସାର ଥି ଯାହା ସାଆଁଟି ପାର୍‌ଲିଁ, ହେଟା କେ କବିତା ବଲି ଲେଖି ଦେଇଛେଁ । ଇନେ ଲୋକ-ବାକ, ମାଏଟ, ପାଏନ, ପବନ ସାଁଗେ ଛାତି ଖୁଲି କରି ମେସିଛେଁ, ହେ ମେସବାର୍ ଟା ଦଲ୍‌ଦଲି ଥି ବୁଟ-ବୁଟେଇ ଯାଇଛେ । ତାକର୍ କବିତାର ଶବଦ୍ ମାନ୍‌କୁ ଠଅଁକାଲେ ମା’ ମାଏଟ୍ ପର୍‌ତି ତାଁକର୍ କେତେ ଗହୀର୍ ଭାବ୍ ଥିଲା ସେଟା ଝଲୋ ଝଲୋ ଦିଶିଯାଏସି । ତାକର୍ ଦୁଇ ନମର୍ କବିତା ବହି ‘ଧର୍‌ସା’ । ଇ କବିତା ବହି ‘ଧର୍‌ସା’ କୋଶଲୀ ସାହିତ୍ୟ ଜଗତ୍ ଥି ଗୁଟେ ବଡ୍ ଭାରି ଭର୍‌ସା ବଲି କୁହାଯାଇପାରେ ।

ଆମର ଭାଷା ଥି କବି ଚତୁର୍ଭୁଜ ସାଆନ୍ତ ବନେ ଗହୀର ତକ୍ ପୁହୁଁଚେଇ ପାରିଥିଲେ ନିଜ୍‌କେ । ସପନ୍ ଚୁଟ୍‌କା କେ ଖନ୍ଦେ ଉଲେଇ କେତେବେଲେ ମହୁଲ ଝାରର ରଟ୍ ଖରାର୍ ମୁହେଁ ଗାଁ ମୁର୍‌ସାର ବଘୁଆ ମେତାନ୍ ହବ୍‌ଡ଼େଇ ହେଇଛନ୍, ତ’ କେତେବେଲେ ଅଲାଏକ୍ ମର୍‌ଡ଼ି ଥି ଖେତ୍ ଖଲାର ଆଏଁଖ ନୁ ରକତ୍ ଥିପୁଥିବାର ଦେଖି ପାରିଛନ୍ । କେତେବେଲେ ଆମ୍ ବୁରେଇ ନେ ନିଜେ କାବ୍ୟ ପୁରୁଷ ହେଇ ଟାକିଛନ୍ ମନର୍ ମଏନା କେ ତ’ ଆର କେତେବେଲେ ବାହାଁ ପେସ୍‌ରେଇ ମେଘ ବାଦଲ୍ କେ ପୁଟଲେଇ ପକେଇଛନ୍ ନିଜର ଛାତି ଥି । କବିର ଭାଷା ଖୋବ୍ ମଧୁର୍ । କବି ସାଆନ୍ତଙ୍କର କବିତା ପଢ଼ଲେ ପର୍‌ଛା ଜାନି ପାର୍‌ବା ଝନେ ଲୋକ ଆମର ଭାଷାର କୁବେର୍ ପନ୍ ଉପ୍‌ରେ । ସୁରୁ ସୁରୁ ଟେ କଥା ନୁଁ ଗଖା ଟେ ଭାବ ଲସ୍‌ଲସା ତେଲ୍ ଢ଼ାପି ପଡୁଥିବା ପୁର୍‌ଥି କେ .... ହେନ୍‌ତା ଢ଼ାଁଚାର କବି ଝନେ କବି ଥିଲେ ଚତୁର୍ଭୁଜ । କେତେ କେତେ ଦିନର କଥା, କେତେନି କେତେ ଗୁଲ୍‌ଗୁଲିଆ ମୁନୁଷର୍ ଦୁଖା... ବଡ଼ା ଗହ ଗହ ହେଇ ପହଁରୁଥୁସନ୍ ତାକର୍ କବିତା ନେ । ତାକର କବିତା ଥି ମହୁଲିର ବିଭୋର୍ ପନ୍ ନୁଁ ବୌଦ୍ଧିକ ସତ୍ତାର ଧୋବ୍ ଫର୍ ଫର୍ ଆକାଶ ପର୍‌ଛା ଦେଖି ହେସି ଠଅଁକେଇ ଦେଖିଲେ ।

ଆସୁନ୍, ମରନ୍ ରାଏଜ୍ କେ ଉଧ୍‌ଲି ଦେଇଥିବାର୍ କବି ଚତୁର୍ଭୁଜ ସାଆନ୍ତଙ୍କର କେତେଟା ଜିଇଁଲା କବିତା ପଢ଼୍‌ମାଁ ଆର ମାଁ ମାଏଟ୍ କେ ଉଲ୍‌ଗି ହେମା । ତାକର୍ ମେତାନ୍ କବି ଇ’ ସଁସାର୍ ଥିବାର୍ ପତେ ଆମର୍ ମାଏଟ୍ ଥି ଜିଇଁ ରହିଥିବେ ଧାଡ଼େ କବିତା ହେଇ, ହୁଲ୍‌କେ ହୁର୍‌ହୁରିଆ ଧୁକା ହେଇ, ଉଁଜ୍‌ଲେ ଶୀତଲ୍ ପାଏନ୍ ହେଇ, ଅଁଘେ ବାଗିର୍ ଜନ୍ ଉଁକିଆ ହେଇ, ହେ କଥାକେ ଅନୁଭବ୍ କର୍‌ମା ମନ୍ ଭର୍‌ତେଲ୍ । *....ସଂପାଦକ-*

## ଦଲ୍‌ଦଲି

କେନ୍ତା ଅଛୁ ବଲି ପଚ୍‌ରାସ’ ଯେ
ଢୋଡ଼୍ କେ
କୁଲ୍‌ହିଆ କୁକୁର ହାଲ୍‌କି ଝିଲ୍‌କି ଖଉଥିଲେ
କାଁଣା କହେବା ।

ଦଲ୍‌ଦଲି ଥି ବଲଦ ପଡ଼ିଛେ
ହୁଁଡ଼ାର ଜୁହା ପହରା ଥି
ବେଲ ଢ଼ଲୁଛେ ।
ହେ’ ଦେଖ !
କାହାକେ ପଚ୍‌ରାସ
ଢୋଡ଼୍ କେ / କୁଲ୍‌ହିଆ କେ
କୁକୁର କେ / ବଲଦ କେ
କି, ହୁଁଡ଼ାର କେ ?

ଜନ୍ କେନେ କହେବା
ତାର ମୁହେଁ ବି କଲା ଲାଗିଛେ ବଲି
ନଏଦ କେନେ କହେବା
ସମୁନ୍ଦର୍ କେ ଲମିଛେ ବଲି !

ଭାଲୁ କେନେ କହେବା
ବିଚ୍‌ନା ଫରି ଠଅଁକେଇଛେ
ଭମର କେନେ କହେବା
ଫୁଲେ କାଏଁ ଯେ ବଏସି ।

କାଁ ବଲି ପଚ୍‌ରାସ’ !
ବଢ଼୍‌ଲା ଟୁକେଲର ନାଇଟି ଭିତରୁ
ଗଲି ପଡୁଛେ ବଏସ
ଫିରି ଆଇଛେ
ହାଇଦ୍ରାବାଦ ନୁଁ ଜୁଆନ ପିଲା
ଇଟାଭାଟିର କୁଲି
ସରକାର ଦେଇଛେ
ବୁଚ୍‌କେ ଛୁଚା ଠେଙ୍ଗୁଆ ବୋଧ୍
ଗଁଡିଆର ଖାତାନୁଁ
ମୁକ୍‌ଲାବା ଦୁଇ ଏକର ଜମିନ ।

ମୁଡ଼ତୁପା କେ ପଚ୍‌ରାସ’ କାଏଁ
ଦିନ୍‌କ କେତେ ଥର ଦେଖୁଛେ
କଁଚା ମୁନୁସ କେ
ସଁତଲୁଛନ
ଡବ୍‌ଡ଼ବା ତେଲ କରେହି ଥି
ଗୁଡୁ ମୁଡ଼ ତକ
କରତୁଛନ କରତ ଥି
ତତଲା ଲୁହା କୁଟୁଛନ ଇଁଦ୍ରି ଥି
ବେଁକ କୁଟୁଛନ ଡାବ୍‌ଲି ଥି ।

ଛାଟିପିଟି ହେଇ ହାତ୍‌ଲିଲେ
ଡେନା ଧରି ହେସି
କଁଚା ପେତେନର ।

ସମିଆଁର ଦଲଦଲି ଥି
ଲାଲଚ୍‌ର ଚୁହୁରା
ସୁର୍‌ପୁଟେଇ ଥିଲେ
କେନେ ବରତିବା ଯେ
କେନ୍ତା ଅଛୁ ବଲ୍‌ସ ।।

## ଠିକ୍‌ନା

କେନ୍ କର୍‌ପନେ ଥିସୁ
କାଁ କରୁଥିସୁ, ସେଟା ତକେ ଜନା
ତୁଇ ସିର୍‌ଜିନାର୍ ସୁରୁଗୁନା
କେନେ ଥିସି ତୋର୍ ଠିକ୍‌ନା !

କେଭେ କେଭେ ମାଏଟ୍ ଭିତ୍‌ରେ
ଫଦ୍‌ଫଦାସୁ ହେଇ ମାଖନ୍ ଗଜା
କେଭେ କେଭେ ଗଛର୍ ଫୁଲେ
ତୁକୁ ହେଇ ତୁସୁଥିସୁ ଗଛ୍ କେ ଯେ
ଡଗୋ ଡଗୋ ବାରି ହେସି ତୋର୍ ଧଜା
ଉନିଆଁ ନାଁ ଦାରୁ ନି ହେଲେ ବି ବିଜା ।

କେତେ ଘିଚାଟନା
ମନର୍ ଭାବ୍‌ନା ଭିର୍‌ଭିର୍‌ନା
ମୋର୍ ଭିତ୍‌ରେ ଜଲୁଥିବାର୍ ଜୁଏ
କିଏ ଲିଭାବା ଭାଏଲ୍
ତୋର୍ ବିନା !
ମୋର୍ ଟୁଁଡ଼୍‌କେ କିଏ
ଛାପ୍‌କିବା ଭାଏଲ୍
ମାଆଁର୍ ପେଟୁ ଆନିଥିବାର୍
ଭାଷା ଆର୍ ବନା
ତମେ ଛାପ୍‌କି ପାରୁଛ ବଏଲେ
ଛାପ୍‌କ ତୁମର୍ ଥୁତ୍‌ନା ।

ମୁଇଁ ନୁରୁଛେଁ
ମୋର୍ ସୁନା ପାଏନ୍ ଚଢ଼ା
ସୁର୍‌ତା ଆର୍ ଚଏତନ୍
କେରେଇ ଦେଇଛେଁ ଚାର୍‌ହିକୁତି
କଲା କିଟ୍‌କିଟ୍ ଅସ୍‌କଟିଆ
ବାଏବିଛୋ ଅଲାଏଖ୍ ପବନ୍
ଆବ୍‌ରିଛେଁ
ଯେନେ ଜୀଇଁହେବା ଗୁଟେ
ପରଛଲ୍ ମନ୍ ଆର୍ ଜୀବନ୍ ।

ଯେନ୍ ଠାନେ ବି ଥ’ ନିକାଏଁ
ତମର୍ ହାତେ ଯେନ୍‌ଟା
ହବ୍‌ଡ଼େଇ ହଉଛେ
ହେଟା ଏକା ତମର୍‌ଟା
ଯାହା ଆଁ’କଲେ ବାହାର୍‌ସି
ହେଟା ଏକା ତମର୍ ଭାଷୀ
ନାଇଁ ହ ଘିଚାଟନା,
ହେଟା ତ’ ଠିକ୍‌ନା ।

ନାଇଁ ନାଇଁ
ମନ୍ ଉନା କରନାଇଁ ।
ହେଟା ତମ୍‌କୁ ଏକା ଜନା
ହେ ଭାଷା ଏକା ତମର୍
ଅସ୍‌ଲି ଠିକ୍‌ନା ।।

## ମନ୍ ଧାଙ୍ଗ୍‌ରୀ

ମନ୍ ଧାଙ୍ଗ୍‌ରୀ
ମରି ହଜି ଦେ’ଦୁରୂପ କେଭେ ନାଇଁହଏ
ମୁନୁଷର୍ ସୁର୍‌ତା ରାଇଜେ ।
ନାଇଁହଏ ବୁଢ଼ିବୁଢ଼ି
ସୁର୍‌ତା ତାର୍ ହେଲେ ଜୁରି
ଯେଭେ ଦେଖ’
ଯେନ୍‌ତା କେ ସେନ୍‌ତା ଧାଙ୍ଗ୍‌ରୀ ।

ବୁଲି କରି ଫିର୍‌ଲା ବେଲ୍‌କେ
ଅଦା, ଗୋଲ୍‌ମରିଚ୍, ଛୁଆର୍ ସେର୍‌ଲେକ୍
ଫେନ୍ ଫେଆର୍ ଏଣ୍ଡ୍ ଲଭ୍‌ଲି ଗୁଟେ
ହେତୁ କରି ଆନ୍‌ବ ଗୋ’
ଠିକ୍ ଘରୁ ବାହାର୍‌ଲା ବେଲ୍‌କେ
ବୁଇର୍ ମାଁ ଦୁଆର୍‌ବନ୍ଧୁଁ ଥାଇ
କହେସି -
“ଭୂଲାଶଙ୍କର୍ ଲେଖେଁ ନିହେବ
ସୋର୍ କରି ଆନ୍‌ବ ।”

ସାଙ୍ଗ୍ ସର୍‌ସା ଭେଟ୍ ପଡ଼୍‌ଲେ
କଥାର୍ ସୁରେ ସୁରେ ଘର୍‌କେ ।

ସକାଲୁ ସକାଲୁ ଲାଲି ଚାହା ମାଗ୍‌ଲେ
ମାଏଝିର୍ ଗର୍ ଗର୍ କିଏ ଦେଖେ
ଟୁଁଡ଼୍ ନାଇଁ ଫୁଟେ
ମାତର୍‌କ’ ଭୁଗା ଏଡ଼େ ମୁହୁଁ ।

ହେତ୍‌କି ବେଲ୍‌କେ
ପରୁହାଁ ଦେଖିଲା ମୁହୁଁ
ନର୍‌ଧି ଆଏସି ମନ୍ ଧାଙ୍ଗ୍‌ରୀର୍
ବଏସ୍ ଯେତେ କେ ସେତେ
ମୁହୁଁ ଯେନ୍‌ତା କେ ସେନ୍‌ତା ।

ବାଟ୍ ଦୁଆରେ କୃଷ୍ଣଚୂଡ଼ା ଫୁଲ୍
ଲଦି ହିଛେ ଯେତ୍‌କି
ତଲେ ବି କୁରେହି ହିଛେ ସେତ୍‌କି ।

ଠିଆ ହିଛେ ମନ୍ ଧାଙ୍ଗ୍‌ରୀ
ଡେଙ୍ଗ ଛାତିକେ ଲୁହାର୍ ଗେଟେ
ଲଥି କରି ।

ବମ୍ବେ ଗଲା ଚାକିରୀ କାଜେ
ତହିଁ ଆର’ ବଛର୍
ହେ ଦିନୁ ତାର୍ ପତା ନାଇଁ
ଝନେ ଅଧେ ବାତ୍‌ନି ଆନ୍‌ଲେ
ଏଡ଼୍‌ସ୍ ବେମାରେ ମଲା
ଫେର୍ ବଏଲେ ଡେଙ୍ଗୁ ସାଁକ୍‌ଲି ନେଲା ।
ଯିବାର୍‌ଟା ସତ୍ ଆଏ ।

ମୁନୁଷର୍ ସୁର୍‌ତା
ଫି ବେଲ୍ ଲଫ୍‌ଲଫା ଶାଗ୍
ଅଫିସ୍ ନୁଁ ଫିର୍‌ଲା ବେଲ୍‌କେ
ଝଲୋ ଝଲୋ ଦିଶୁଛେ ହେଦେ
ମହୁଲ୍ ରଙ୍ଗର୍ ମୁହୁଁ
ଆଏଜ୍ ବି ଫୁର୍‌ଫୁରିଆ ବାଲ୍ ଲହଁକି
ଆଉଛେ
କବିତା ଭିତ୍‌ରେ ଘର୍ କରିଛେ
ମନ୍ ଧାଙ୍ଗ୍‌ରୀ ।।

କୋଶଲୀ କବିତା ଜଗତର୍ ଭଁଡ଼ାର୍ କେ ମାଥେବର୍ କରିଥିବାର କବି ଚତୁର୍ଭୁଜ ସାଆନ୍ତଙ୍କର ଶେଷ୍ ଯାତ୍ରା ଥି ‘କୋଶଳ ପ୍ରବାହ’ ପରିବାର ଲାଖେ ମୁଡ଼ିଆ ମାରୁଛେ ।



# ମହିଳାଙ୍କ କଳା କାର୍‌ନାମା, ବିୟର ପାର୍ଟି ବାହାନାରେ ଲୁଟ୍ : ଘରକୁ ଡାକି ସବୁକିଛି ଲୁଟି ନେଉଥିଲେ



ନୋଏଡା : ଲୁଟ୍ କରୁଥିବା ଏକ ଗ୍ୟାଙ୍ଗକୁ ୟୁପିର ନୋଏଡାର ସେକ୍ଟର -୩୯ ପୋଲିସ ଦ୍ୱାରା ଗିରଫ କରାଯାଇଛି । ଏହି ଘଟଣାରେ ଦୁଇ ମହିଳା ଏବଂ ତିନି ଯୁବକ ଗିରଫ ହୋଇଥିବା ଜଣାପଡ଼ିଛି ।

ପୋଲିସର ସୂଚନାନୁସାରେ, ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ମହିଳା ଓ ଯୁବତୀମାନେ ସୋସିଆଲ ମିଡିଆରେ ତଥା ସର୍ବସାଧାରଣ ସ୍ଥାନରେ ସାକ୍ଷାତ କରି ଉଚ୍ଚ ପ୍ରୋଫାଇଲ୍ ଲୋକଙ୍କ ସହ ବନ୍ଧୁତା କରୁଥିଲେ । ଏହା ପରେ, ତାଙ୍କ ଘରେ ବିୟର କିମ୍ବା ଖାଦ୍ୟ ଏବଂ ପାନୀୟ ପାର୍ଟି ଦେବାର ବାହାନାରେ ସେ ସେକ୍ଟର-୪୪ରେ ଥିବା ତାଙ୍କ ଫ୍ଲାଟକୁ ସେମାନଙ୍କୁ ଡାକୁଥିଲେ । ସେଠାରେ ପହଂଚିବା ପରେ ସେମାନଙ୍କ ସହ ମହିଳାମାନଙ୍କ ଅଶ୍ଳୀଳ ଭିଡିଓ ତିଆରୁଥିଲେ ଏବଂ ତାଙ୍କୁ ମଦ ପିଆଇ ପିଟାପିଟି ବି କରୁଥିଲେ । ଭିଡିଓ ଭାଇରାଲ କରିବାକୁ ଧମକ ଦେଇ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ କରୁଥିଲେ ।

ଏହି ଗ୍ୟାଙ୍ଗ ଦୁଇ ଦିନ ପୂର୍ବେ ଗୁରୁବାର ରାତିରେ ଜଣେ ଇଞ୍ଜିନିୟରଙ୍କୁ ଡାକିଥିଲେ । ପୋଲିସର ସୂଚନାନୁସାରେ ଅଭିଯୁକ୍ତ ସାନା ସେହି ଇଞ୍ଜିନିୟରଙ୍କୁ ଜାଣିଥିଲେ । ଇଞ୍ଜିନିୟର ଜଣକ ପହଂଚିବା ପରେ ସାନା ତାଙ୍କୁ ବିୟର ପିଇବାକୁ ଦେଇଥିଲେ । ଏହା ପରେ ଦୀପା, ସୋନି ଏବଂ କୁଲଦୀପଙ୍କୁ ଡାକିଥିଲା ।

ସେମାନେ ମିଳିତ ଭାବରେ ଇଞ୍ଜିନିୟରଙ୍କ ଠାରୁ ୨୫ ହଜାର ଟଙ୍କା, କାର୍ ଚାବି ଏବଂ ସମସ୍ତ ଜିନିଷ ଛଡ଼େଇ ନେଇଗଲେ । ସେମାନେ ତାଙ୍କର ଅଶ୍ଳୀଳ ଭିଡିଓ ମଧ୍ୟ କରିଥିଲେ । ଏହା ପରେ ଭିଡିଓ ଦେଖାଇ ୨ ଲକ୍ଷ ଟଙ୍କା ମାଗିଥିଲେ । ଯେତେବେଳେ ଇଞ୍ଜିନିୟର ଏତେ ପରିମାଣର ଅର୍ଥ ଦେବାକୁ ମନା କରିଦେଲେ, ସେତେବେଳେ ସେମାନେ ତାଙ୍କୁ ପିଟିବା ଆରମ୍ଭ କରିଦେଲେ ।

ମାଡ଼ ମାରିବାରେ ଇଞ୍ଜିନିୟରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବା ପରେ ସେମାନେ ଫଶିଯିବା ଭୟରେ ଇଞ୍ଜିନିୟରଙ୍କୁ ଡାକ୍ତରଖାନା ନେଇଥିଲେ । ଅନ୍ୟ ଜଣେ ଅଭିଯୁକ୍ତ କୁଲଦୀପ ମଧ୍ୟ ସେମାନଙ୍କ ସହ ଜଡିତ ଥିଲା । ଚିକିତ୍ସା ପରେ ଅଭିଯୁକ୍ତ ତାଙ୍କୁ ଫେରାଇ ଆଣିବା ବେଳେ ଇଞ୍ଜିନିୟର କୌଣସି ପ୍ରକାରେ ପଳାଇ ଯାଇଥିଲେ । ଏହା ପରେ ସେ ପୋଲିସକୁ ସୂଚନା ଦେଇଥିଲେ ଓ ଘଟଣା ଲୋକଲୋଚନକୁ ଆସିଥିଲା । ଏହି ଘଟଣା ଅଂଚଳରେ ଚର୍ଚ୍ଚା ବିଷୟ ପାଲଟିଛି ।

# ୧୦ ଜିଲ୍ଲା ଓ ୨ଟି ସହରାଂଚଳ ପାଇଁ କୋଭିଡ ସଚେତନତା ରଥର ଶୁଭାରମ୍ଭ

ଭୁବନେଶ୍ୱର, (କେପିଏନ୍‌ଏସ୍) : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସଂପର୍କ ବିଭାଗ ଓ ୟୁନିସେଫ୍ ଓଡ଼ିଶାର ମିଳିତ ଉଦ୍ୟମରେ ୧୦ଟି ଜିଲ୍ଲା ଓ ୨ଟି ସହରାଂଚଳ ପାଇଁ କୋଭିଡ଼ ସଚେତନତା ରଥର ଶୁଭାରମ୍ଭ ସଂସ୍କୃତି ଭବନ ପରିସରରେ ପୂର୍ବାହ୍ନ ହୋଇଯାଇଛି । ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ (ଭା.ପ୍ର.ସେ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଂଜନ କୁମାର ଦାସ(ଭା.ପ୍ର.ସେ) ଉପସ୍ଥିତ ଥିଲେ ।

ଶୁଭାରମ୍ଭ କାର୍ଯ୍ୟରେ ବାସୁଦେବ ମାଳବିଶୋଇଙ୍କର ନୂତନ ଗୀତ ଓ ସଂଗୀତ ସ୍ୱର ସଂଯୋଜନାରେ ପ୍ରସ୍ତୁତି ହୋଇଥିବା 'ହାତ ଅଟେ ଅମୂଲ୍ୟ ରତ୍ନ' ଗୀତ ଶୁଭାରମ୍ଭ ହୋଇଛି । ଏହା ସହିତ ଅବନୀ ମିଶ୍ରଙ୍କ ଲିଖିତ ଗୀତ, ପବିତ୍ର ପଟ୍ଟନାୟକଙ୍କ ସଂଗୀତ ଓ ସତ୍ୟଜିତଙ୍କ କଣ୍ଠରେ 'ନାଗର ନାଗରୀ' ଗୀତର ଲୋକାର୍ପଣ ହୋଇଛି । ଏହାବ୍ୟତୀତ ରଂଜନ ଦାସଙ୍କ ଲିଖିତ କାହାଣୀ ଆଧାରିତ ୨ଟି ଗୀତ 'ଆମେ ମାନିବା ଲକ୍‌ଡାଉନ୍ ଓ କେଉଁ ବେଳାରେ ଆସିଲା ଏଇ କରୋନା ଭୂତାଣୁ ଗୀତ ମଧ୍ୟ ଶୁଭାରମ୍ଭ ହୋଇଛି । ସଚେତନ ଅଭିଯାନକୁ ଅଧିକ ସଫଳ କରିବା ପାଇଁ ବିଶିଷ୍ଟ ବ୍ୟକ୍ତି ଯଥା ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରଘୁନନ୍ଦନ ଦାସ, ପଦ୍ମଶ୍ରୀ ଅରୁଣ ମହାନ୍ତି, ସୁଦର୍ଶନ ପଟ୍ଟନାୟକ, ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ ଓ ଅର୍ଚିତା ଏବଂ ନିର୍ଦ୍ଦେଶକ ରଂଜନ ଦାସଙ୍କ କରୋନା ସଚେତନ ବାର୍ତ୍ତା ମଧ୍ୟ ଶୁଭାରମ୍ଭ ହୋଇଥିଲା ।

ସୂଚନାଯୋଗ୍ୟ ଯେ, ଡିସେମ୍ବର ୨୦୨୦ରୁ ସଂସ୍କୃତି ବିଭାଗ, ଲୋକ ସଂପର୍କ ବିଭାଗ ଓ ୟୁନିସେଫ୍ କରୋନାକୁ ଦୂର କରିବା ପାଇଁ ସରକାରଙ୍କର ଆଭିମୁଖ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛନ୍ତି । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୬ ଜିଲ୍ଲା, ୧୧୬ ବ୍ଲକ ଓ ୩ଟି ସହରାଂଚଳରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ୨ୟ ଲେହରର ୩ୟ ପର୍ଯ୍ୟାୟ ସଚେତନ ଅଭିଯାନରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ମୟୁରଭଂଜ, ସୁନ୍ଦରଗଡ଼, ଗଜପତି, ଖୋର୍ଦ୍ଧା ଓ କଟକ ସହ ଭୁବନେଶ୍ୱର ଓ କଟକ ମ୍ୟୁନିସିପାଲ କର୍ପୋରେସନ୍ ଅନ୍ତର୍ଭୁକ୍ତ ଅଛନ୍ତି ।

ଏହି ଶୁଭାରମ୍ଭ କାର୍ଯ୍ୟରେ ୟୁନିସେଫ୍ ନୂଆଦିଲ୍ଲୀରେ କାର୍ଯ୍ୟରତନ ଯୋଗାଯୋଗ ବିଶେଷଜ୍ଞ ଶ୍ରୀମତୀ ଲୋପାମୁଦ୍ରା ତ୍ରିପାଠୀ ଉପସ୍ଥିତ ରହି କହିଥିଲେ ଯେ, ଓଡ଼ିଶାରେ ଆୟୋଜିତ ହେଉଥିବା ଲୋକକଳା ଦେଶରେ ଏକ ନିଆରା କାର୍ଯ୍ୟକ୍ରମ । ନେହେରୁ ଯୁବକେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶିକା ଶ୍ରୀମତୀ ରୀତା ଭଗତ, ବିଏମ୍‌ସିର ଏଡ଼ିସନାଲ୍ ସେକ୍ରେଟାରୀ, ରାଜ୍ୟ କଳା ସଂସ୍କୃତି ସଂଘର ଉପସଭାପତି ଅବନୀ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବ ଭଳି ଏହି କରୋନା ସଚେତନତା ଅଭିଯାନର ସମସ୍ତ ଆୟୋଜନ ବାସୁଦେବ ମାଳବିଶୋଇ, ରାଜ୍ୟ ପ୍ରକଳ୍ପ ସଂଯୋଜକ କରିଥିଲେ ।

# ଗାର୍ଲଫ୍ରେଣ୍ଡକୁ ହଟେଇବା ପାଇଁ ବିବାହିତ ପ୍ରେମିକ ଅପହରଣ କରି ହତ୍ୟା କଲା, କେନାଲରେ ଫିଙ୍ଗିଦେଲା ମୃତଦେହ

ମୁଜାଫରନଗର : ଉତ୍ତରପ୍ରଦେଶର ମୁଜାଫରନଗର ଜିଲ୍ଲାରେ ଜଣେ ବିବାହିତ ବ୍ୟକ୍ତି ତାଙ୍କ ୨୪ ବର୍ଷ ବୟସ୍କା ଗାର୍ଲଫ୍ରେଣ୍ଡକୁ ଅପହରଣ କରି ହତ୍ୟା କରିଥିବା ଭଳି ଅମାନବୀୟ ଘଟଣା ସାମ୍ନାକୁ ଆସିଛି । ଏହି ଘଟଣା ଜାନସାଠ ପୋଲିସ ଷ୍ଟେସନ ଅଂଚଳର କାୱାଲ ଗ୍ରାମରେ ଘଟିଛି । ପୋଲିସ କହିଛି ଯେ, ରବିବାର ଦିନ ତୈମୁର ନାମକ ଜଣେ ଯୁବକ ତା' ଗାର୍ଲଫ୍ରେଣ୍ଡ ତବସୁମଙ୍କୁ ହତ୍ୟା କରିଛି । ପୋଲିସର ସୂଚନାନୁସାରେ, ଯୁବତୀଟି ନିଖୋଜ ହେବା ପରେ ତାଙ୍କ ପିତା ଏଫ୍‌ଆଇଆର୍ ଦାଖଲ କରିଥିଲେ । ପରେ ପୋଲିସ ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ତୈମୁରକୁ ଗିରଫ କରିଥିଲା ।




ପୋଲିସ୍ ଷ୍ଟେସନର ଦାୟିତ୍ୱରେ ଥିବା ଡି.କେ ତ୍ୟାଗୀ କହିଛନ୍ତି ଯେ, ତବସୁମ୍ ତୈମୁରଙ୍କୁ ବିବାହ ପାଇଁ ଚାପ ପକାଉଥିଲେ, ଯଦିଓ ତୈମୁର ବିବାହିତ । ଏହି କାରଣରୁ ଉଭୟଙ୍କ ମଧ୍ୟରେ ବାରମ୍ବାର ଝଗଡା ହେଉଥିଲା । ଏଥିରେ ବିରକ୍ତ ହୋଇ ତୈମୁର ତାବସମଙ୍କୁ ଅପହରଣ କରି ହତ୍ୟା କରିଛି । ପରେ ସେ ନିଜ ଅପରାଧ ଲୁଚାଇବା ପାଇଁ ତବସୁମଙ୍କ ମୃତଦେହକୁ କେନାଲରେ ଫିଙ୍ଗିଥିବା କୁହାଯାଇଛି ।


# ମୋଦୀ ସରକାର ଖୁବ୍ କମ୍ ସମୟ ମଧ୍ୟରେ କରୋନାର ଦ୍ୱିତୀୟ ତରଙ୍ଗକୁ ନିୟନ୍ତ୍ରଣ କରିଛନ୍ତି : ଅମିତ ଶାହା



ନୂଆଦିଲ୍ଲୀ : ଗୃହମନ୍ତ୍ରୀ ଅମିତ ଶାହା ବୁଧବାର ଗୁଜୁରାଟରେ ବଲ୍ଲଭ ୟୁଥ୍ ଅର୍ଗାନାଇଜେସନ୍ ଦ୍ୱାରା ସ୍ଥାପିତ ୯ଟି ଅମ୍ଳଜାନ କାରଖାନାର ଉଦଘାଟନ କରିଛନ୍ତି । ଏହି ଅବସରରେ ଅମିତ ଶାହା କହିଛନ୍ତି ଯେ, କରୋନାର ଦ୍ୱିତୀୟ ତରଙ୍ଗରେ ଏହି ଭୂତାଣୁ ଏହାର ରୂପ ପରିବର୍ତ୍ତନ କରିବାରେ ଲାଗିଲା ଏବଂ ଏହା ମାନବ ସ୍ୱାସ୍ଥ୍ୟ ଉପରେ ବିଶେଷ ପ୍ରଭାବ ପକାଇଲା । ସେ କହିଛନ୍ତି ଯେ, ଖୁବ୍ କମ୍ ସମୟ ମଧ୍ୟରେ ମୋଦୀ ସରକାର ଦ୍ୱିତୀୟ ତରଙ୍ଗକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଛନ୍ତି । ଗୃହମନ୍ତ୍ରୀ କହିଛନ୍ତି ଯେ, ଯଦି ଆମେ ଏହାକୁ ବିଶ୍ଳେଷଣ କରୁ, ତେବେ ବିଶ୍ୱର ବିକଶିତ ଦେଶମାନଙ୍କରେ ମଧ୍ୟ ଏହି ବ୍ୟବସ୍ଥା ଭୁଷୁଡି ପଡିଥିବା ଦେଖାଯାଉଥିଲା, କିନ୍ତୁ ଭାରତ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହା ବିରୋଧରେ ଲଢ଼େଇ କରାଯାଇଥିଲା ଓ ବେଶ୍ ସଫଳତା ମିଳିଥିଲା ।

# ଅମିତାଭ ବଚ୍ଚନ ଏବଂ ଜୟାଙ୍କ ବିବାହକୁ ୪୮ ବର୍ଷ ପୂରିଲା, ବିଗ୍ ବି ସେୟାର କଲେ ବିଶେଷ ଚିତ୍ର





ମୁମ୍ବାଇ : ବଲିଉଡର ଭେଟେରାନ ଅଭିନେତା ଅମିତାଭ ବଚ୍ଚନ ଏବଂ ଅଭିନେତ୍ରୀ ଜୟା ବଚ୍ଚନ ବିବାହର ୪୮ ବର୍ଷ ସମାପ୍ତ କରିଛନ୍ତି । ଏହି ବିଶେଷ ଅବସରରେ ବିଗ୍ ବି ସୋସିଆଲ ମିଡିଆରେ ତାଙ୍କ ବିବାହର ଏକ ଆକର୍ଷଣୀୟ ଚିତ୍ର ସେୟାର କରିଛନ୍ତି । ଯେଉଁମାନେ ତାଙ୍କୁ ଏବଂ ଜୟାଙ୍କୁ ବିବାହ ବାର୍ଷିକୀରେ ଅଭିନନ୍ଦନ ଜଣାଇଛନ୍ତି, ସେମାନଙ୍କୁ ମଧ୍ୟ ସେ କୃତଜ୍ଞତା ଜଣାଇଛନ୍ତି ।

ସେୟାର ଫଟୋ ଅମିତାଭ ଏବଂ ଜୟା ବଚ୍ଚନଙ୍କ ବିବାହ ସମୟର । ବିଗ୍ ବି ଫଟୋ କ୍ୟାପସନ୍‌ରେ ଲେଖିଛନ୍ତି– '୩ ଜୁନ୍ ୧୯୭୩'.. ଯେଉଁମାନେ ଜୟା ଏବଂ ମୋତେ ବିବାହ ବାର୍ଷିକୀରେ ଅଭିନନ୍ଦନ ଜଣାଇଛନ୍ତି, ଆମେ ସେମାନଙ୍କୁ କୃତଜ୍ଞତା ଜଣାଉଛୁ ।' ସୂଚନାଯୋଗ୍ୟ ଯେ, ଅମିତାଭ ଏବଂ ଜୟା ଅନେକ ଚଳଚ୍ଚିତ୍ରରେ ଏକାଠି କାମ କରିଛନ୍ତି । ଦୁହେଁ ପ୍ରଥମେ ୧୯୭୨ ମସିହାରେ ମୁକ୍ତିଲାଭ କରିଥିବା 'ବାନସୀ ବିରଜୁ'ରେ କାମ କରିଥିଲେ । ତା'ପରେ ଜୟା ଅମିତାଭଙ୍କ ସହ 'ଜନ୍‌ଜିର୍'ରେ କାମ କରିଥିଲେ ଏବଂ ଏହି ଚଳଚ୍ଚିତ୍ରଟି ହିଟ୍ ବୋଲି ପ୍ରମାଣିତ ହୋଇଥିଲା । ଏହା ପରେ ଅଭିମାନ, ଚୁପକେ ଚୁପକେ ଏବଂ ଶୋଲେ ଭଳି ଚଳଚ୍ଚିତ୍ରରେ ଦୁହେଁ ଏକାଠି ନଜରକୁ ଆସିଥିଲେ ।

# ସୁନ୍ଦରଗଡ ବିଧାୟିକା ମଙ୍ଗସପୁର ପଂଚାୟତର ଗ୍ରାମବାସୀଙ୍କ ସୁବିଧା ଅସୁବିଧା ବୁଝିଲେ



ସୁନ୍ଦରଗଡ, (ସ୍ୱପ୍ର) : ସୁନ୍ଦରଗଡ ବିଧାୟିକା ମଙ୍ଗସପୁର ପଂଚାୟତରେ ଗାଁକୁ ଗାଁ ଯାଇ ଗ୍ରାମବାସୀଙ୍କ ସୁବିଧା ଅସୁବିଧା ବୁଝିଥିଲେ ।

କେନ୍ଦ୍ରରେ ମୋଦି ସରକାରଙ୍କର ଦ୍ୱିତୀୟ ପାଳିର ତୃତୀୟ ବର୍ଷ ତୃତୀୟ ଅବସରରେ ସମଗ୍ର ଦେଶରେ ଭାରତୀୟ ଜନତା ପାର୍ଟି ତରଫରୁ ସେବାହିଁ ସଂଗଠନ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ପ୍ରକାର ସେବା କାର୍ଯ୍ୟ କରାଯାଉଛି । ଏହି ଅବସରରେ ସୁନ୍ଦରଗଡ ବିଧାୟିକା ଶ୍ରୀମତି କୁସୁମ ଟେଟେ ମହୋଦୟା ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ମଙ୍ଗସପୁର ମଣ୍ଡଳ ମଙ୍ଗସପୁର ପଂଚାୟତ ଅନ୍ତର୍ଗତ ସଗାରପାଲି, କର୍ମାପଡା, ବାଉଁଶମୁଣ୍ଡା ଗ୍ରାମକୁଯାଇ ସ୍ଥାନୀୟ ମଣ୍ଡଳ ସଭାପତି ଉଦିତ କୁମାର ଖରସେଲ ସାଧାରଣ ସମ୍ପାଦକ ଜୟରାମ କିଷାନ ଉପସଭାପତି ବେଣୁ ମାଧବ ପ୍ରଧାନ, ଡଗର ଧୃଆ କୃଷକ ମୋର୍ଚ୍ଚା ସଭାପତି ହରିହର ପଟେଲ ରେମଣ୍ଡା ବୁଥ ସଭାପତି ନିର୍ମଳ ଛତ୍ରିଆ ମଙ୍ଗସପୁର ପଂଚାୟତର ନାଏକ ସରପଂଚ ସୁଜାତା ମାକର ନାରୀନେତ୍ରୀ ରୁବି ପଟେଲ ପ୍ରମୁଖ ସହିତ ଗ୍ରାମବାସୀ ମାନଙ୍କୁ ମାସ୍କ, ସାବୁନ, ସାନିଟାଇଜର ନିରାସାହ୍ୟ ଅସହାୟ ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ବଂଟନ ଓ ଥର୍ମାଲସ୍କ୍ରିନିଙ୍ଗ ଅମ୍ଳଜାନ ସ୍ତର ଯାଂଚ କରିବା ସହିତ ବିଧାୟିକା ଶ୍ରୀମତୀ କୁସୁମ ଟେଟେ ଗ୍ରାମବାସୀଙ୍କୁ କରୋନା ସଚେତନ ବାର୍ତ୍ତା ଦେଇଥିଲେ ଓ ବିଭିନ୍ନ ସମସ୍ୟା ସମାଧାନ ପଚାରି ବୁଝିଥିଲେ ।

## ଗଞ୍ଜାମ ଜିଲ୍ଲାରେ ବୁଥ-ୱାଇଜ ଟୀକାକରଣ

### ପ୍ରାଥମିକ ପର୍ଯ୍ୟାୟରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ସଫଳ ଟୀକାକରଣରେ ତ୍ୱରାନ୍ୱିତ ପ୍ରତି ଗୁରୁତ୍ୱ ଦେଲେ ଜିଲ୍ଲା ପ୍ରଶାସନ



ବ୍ରହ୍ମପୁର, (ନିପ୍ର) : ଗଞ୍ଜାମ ଜିଲ୍ଲାରେ ସମସ୍ତ ସହରାଂଚଳ ଯଥା- ୧୬ଟି ଏନ.ଏ.ସି. ହିଞ୍ଜିଳି ମ୍ୟୁନିସିପାଲଟି, ବ୍ରହ୍ମପୁର ମହାନଗର ନିଗମାଂଚଳ ସହ ୨୨ଟି ବ୍ଲକ ୪୭୬ଟି ଗ୍ରାମପଂଚାୟତରେ ଭୋଟ ଦିଆଯିବା ଭଳି କୋଭିଡ୍ ଟିକାକରଣ ହେବ । ଅର୍ଥାତ ଏହି କାର୍ଯ୍ୟ ନିର୍ବାଚ଼ନ ପରି ବୁଥ-ୱାଇଜ ମାଧ୍ୟମରେ ଟୀକାକରଣ ସମ୍ପନ କରାଯିବ । ଏହାକୁ ସୁରୁଖୁରୁରେ ତ୍ୱରାନ୍ୱିତ କିଭଳି ହେବ ସେ ଦିଗରେ ଗୁରୁତ୍ୱାରୋପ କରି ଟୀକାକରଣକୁ ସଫଳ ରୂପାୟନ କରିବା ନିମନ୍ତେ ଗଞ୍ଜାମ ଜିଲ୍ଲାପାଳ ଗୁରୁବାର ଦିନ ନିର୍ଦ୍ଦେଶ ଦେଇଛନ୍ତି କରୋନାର ଦ୍ୱିତୀୟ ଲହରର ପ୍ରାଦୁର୍ଭାବକୁ ପ୍ରତିହତ କରିବା ନିମନ୍ତେ ଟିକାକରଣ ଏକାନ୍ତ ଅପରିହାର୍ଯ୍ୟ । ଏଥିପାଇଁ ଜିଲ୍ଲାରେ ଏକ ମୋବାଇଲ୍ ଟିମ୍ ଗଠନ କରାଯାଉଛି, ଦୁର୍ଗମ ଅଂଚଳ ଯଥା ପାହାଡ, ପାର୍ବତ୍ୟାଂଚଳ, ତଟ-କୂଳ, ଉପକୂଳ-ଅଂଚଳ, ସହରାଂଚଳ ଓ ଗ୍ରାମାଂଚଳ ମାନଙ୍କରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ସଭିଙ୍କୁ ଟୀକାକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ । ବୁଲା ବିକାଳୀ, ପରିବା ବିକ୍ରେତା, ସେଲୁନ୍ ବାଲା, ତେଜରାତି ଦୋକାନୀ, ଗ୍ୟାରେଜରେ କାମ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରି ଟିକାକରଣ କାର୍ଯ୍ୟକୁ ସଫଳ କରିବା ପାଇଁ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ସମସ୍ତ ବିଡିଓ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କୁ ନେଇ ଏକ ବୈଠକରେ ଭିଡିଓ କନଫରେନ୍ସିଂ ଜରିଆରେ କରି ସମସ୍ତପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ଜନ ଗହଳି-ପୂର୍ଣ୍ଣ ଅଂଚଳ, ଛକଜାଗା, ଜନ- ବସତି ଅଂଚଳ, ଦୂର୍ଗମ-ଅଂଚଳରେ ନିର୍ବାଚନ ଢାଂଚାରେ ଟିକାକରଣ କେନ୍ଦ୍ର କରି ଜନ ସାଧାରଣଙ୍କୁ ଟିକାକରଣ କରାଇବେ ବୋଲି ଜଣାଯାଇଛି । ଗ୍ରାମାଂଚଳ ଗୁଡିକରେ ସ୍ଥାନୀୟ ସରପଂଚ ଓ ସହରାଂଚଳରେ ପୂର୍ବତନ କାଉନସିଲର ମାନଙ୍କ ସହ ମିଶି ଟୀକା ନେବାକୁ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଦିନକ ପୂର୍ବରୁ ଚିରୁକୁଟି/ ସ୍ଲିପ ଦେବାପାଇଁ ଜିଲ୍ଲାପାଳ କହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୈନିକ ଏହାର ସମୀକ୍ଷା କରିବା ସହ ତଦାରଖ କରିବା ପାଇଁ ଜିଲ୍ଲାପାଳ କହିଥିଲେ । କରୋନା ଚେନ୍ ରୋକିବା ନିମନ୍ତେ ତହସିଲଦାର ମାନେ ପୂର୍ବାହ୍ନ ୭ ଘ. ରୁ ପୂର୍ବାହ୍ନ ୧୧ ଘ. ପର୍ଯ୍ୟନ୍ତ ଦୋକାନ ବଜାର ଗୁଡିକରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଉଛି କି ନାହିଁ, ତାହା ତଦାରଖ କରିବା ପାଇଁ ଜିଲ୍ଲାପାଳ କହିଥିଲେ । ବୃଦ୍ଧ, ବୃଦ୍ଧା ଓ ଅକର୍ମଣ୍ୟ ବ୍ୟକ୍ତି ବିଶେଷଙ୍କୁ ଗାଡିରେ ଆଣି ଟିକାକରଣ କରାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଅନ୍- ଲାଇନ୍ ଓ ଅଫ୍-ଲାଇନ୍‌ରେ ରେଜିଷ୍ଟ୍ରେସନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ଟୀକା ଦିଆଯିବ । ଟିକାକରଣ କାର୍ଯ୍ୟ ଜିଲ୍ଲାରେ ଯେପରି ଶତପ୍ରତିଶତ ସଫଳତା ହାସଲ କରିବ ସେଥିପ୍ରତି ସମସ୍ତ ଅଧିକାରୀ, କର୍ମଚାରୀମାନେ ତତ୍ପରତା ପ୍ରକାଶ କରିବାକୁ ଜିଲ୍ଲାପାଳ କହିଥିଲେ ।

ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ସିନ୍ଧ ଦତ୍ତାତ୍ରେୟ ଭାଉ ସାହେବ, ବ୍ରହ୍ମପୁର ମହାନଗର ନିଗମ କମିଶନର୍ ଡଃ ସିଦ୍ଧେଶ୍ୱର ବଳିରାମ ବନ୍ଦାର, ବ୍ରହ୍ମପୁର ଉପ-ଜିଲ୍ଲାପାଳ ୱ. କୀର୍ତ୍ତି ୱାସନ୍, ଜିଲ୍ଲା ସହରାଂଚଳ ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ, ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅମୀୟ କୁମାର ସାହୁ, ଛତ୍ରପୁର ଉପଜିଲ୍ଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଭଞ୍ଜନଗର ଉପ-ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମା ଶଂକର ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପ୍ରକଳ୍ପ ସଂଯୋଜକ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଃସହାୟ ବିଧବା ମହିଳା ମଞ୍ଜୁଳାଙ୍କ ଦୁଃଖ ଦିଶୁନି କାହା ଆଖିକୁ



ତୁରେକେଲା, (ନିପ୍ର) : ତୁରେକେଲା ଗ୍ରା:ପ: ଅନ୍ତର୍ଗତ ମହୁଲବାହାଲି ଗାଁର ଚେୟାରମେନପଡ଼ା ନିବାସୀ ନିଃସହାୟ ବିଧବା ମହିଳା ମଞ୍ଜୁଳା ମେହେର ଅତି ଦୟନୀୟ ଅବସ୍ଥାରେ ଅଭାବ ଅନାଟନରେ ଭଙ୍ଗା କୁଡିଆରେ କାଳାତିପାତ କରୁଥିବା ଖବର ମିଳିଛି ।

ତାଙ୍କ ସ୍ୱାମୀ ଲଛମନ ମେହେର ପ୍ରାୟ ତିନି ବର୍ଷ ପୂର୍ବେ ପରିବାର ସଦସ୍ୟଙ୍କୁ ଛାଡ଼ି ସବୁଦିନ ପାଇଁ ଆରପାରିକୁ ଚାଲିଗଲେ । ବିଧବା ଭତ୍ତା ପାଇବା ଆଶାରେ ଅନେକ ଥର ୱାର୍ଡ ମେମ୍ବର, ସରପଂଚ ତଥା ବ୍ଲକ ପ୍ରଶାସନଙ୍କୁ ମଞ୍ଜୁଳା ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାଙ୍କ ଗୁହାରି କେହି ଶୁଣୁ ନାହାନ୍ତି । ଏ ପଟେ ଗୋଟିଏ ବୋଲି ପୁଅ ଉପେନ୍ଦ୍ର ମେହେର ହାଇଦ୍ରାବାଦକୁ ଇଟା ଗଢା କାମରେ ଯାଇ ପରିବାର ସଦସ୍ୟଙ୍କ ଭରଣ ପୋଷଣ କରି ଆସୁଥିଲା । ତାହା ବି ଦଇବ ସହିଲାନି । ପ୍ରାୟ ଛଅ ବର୍ଷ ହେଲା ସେ ବିକଳାଙ୍ଗ ହୋଇଗଲା । ଆର୍ଥିକ ପରିସ୍ଥିତିର ଦୁର୍ବଳତା ହେତୁ ପୁଅର ଚିକିତ୍ସା କରି ପାରିଲେନି ମଂଜୁଳା ।

ନିଃସହାୟ ବିଧବା ମହିଳା ମଞ୍ଜୁଳା ଓ ବୋହୂ ସଂଯୁକ୍ତା ଏବେ କୁଲି ମଜୁରି କାମ କରି ପରିବାର ଚଳାଇ ଆସୁଛନ୍ତି । ଏହି ବିଧବା ମହିଳା ପଂଚାୟତରୁ ପାଂଚ କିଲୋ ଚାଉଳ ପାଇ ପରିବାର ସଦସ୍ୟଙ୍କୁ ନେଇ ଭଙ୍ଗା କୁଡିଆରେ କାଳାତିପାତ କରି ଆସୁଛନ୍ତି । ତାଙ୍କୁ ତୁରନ୍ତ ବିଧବାଭତ୍ତା ଦିଆଯିବା ସହ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି ।

## ସମନ୍ୱୟ ଓ ସହଯୋଗ ଅଭାବରୁ ପାରାଦ୍ୱୀପରେ କରୋନା ଯୁଦ୍ଧରେ ଶିଥିଳତା



ପାରାଦ୍ୱୀପ, (ନିପ୍ର) : କରୋନା ସଂକ୍ରମଣ ବା କୋଭିଡ୍ ?-୧୯ ମହାମାରୀର ଦ୍ୱିତୀୟ ପର୍ଯ୍ୟାୟରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସତ୍ତ୍ୱେ ସମନ୍ୱୟ ଓ ସହଯୋଗ ଅଭାବରୁ ଏହି ଯୁଦ୍ଧରେ ଶିଥିଳତା ଦେଖାଯାଇଛି । ଜିଲ୍ଲାର ବନ୍ଦର ଓ ଶିଳ୍ପ ସହର ପାରାଦ୍ୱୀପର ବିଭିନ୍ନ ଶିଳ୍ପ ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସକ୍ରିୟ ସହଯୋଗ ଓ ସମନ୍ୱୟ ଭାବେ କାର୍ଯ୍ୟ କରିଥିବା ଯୋଗୁଁ କରୋନା ସଂକ୍ରମଣର ପ୍ରଥମ ପର୍ଯ୍ୟାୟରେ ସମଗ୍ର ଜିଲ୍ଲା ଓ ପାରାଦ୍ୱୀପରେ ଏହି ସଂକ୍ରମଣ ବୃଦ୍ଧି ପାଇପାରିନଥିଲା ଏବଂ ସ୍ଥିତି ନିୟନ୍ତ୍ରଣରେ ଥିଲା । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଯୁଦ୍ଧରେ ଜିଲ୍ଲା ପ୍ରଶାସନ, ପୋଲିସ୍ ପ୍ରଶାସନ ଓ କିଛି ହାତ ଗଣତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସକ୍ରିୟ ଥିବା ବେଳେ ଅନ୍ୟମାନେ ନିଷ୍କ୍ରିୟ ଥିବାର ଦେଖାଯାଉଛି । ପୂର୍ବରୁ ସ୍ଥାନୀୟ ଶିଳ୍ପ ସଂସ୍ଥା ମାନେ କରୋନା ଯୋଦ୍ଧା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସର୍ବସାଧାରଣରେ ଉପଯୋଗୀ ମାସ୍କ ଓ ସାନିଟାଇଜର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସହଯୋଗ କରିଥିବା ସ୍ଥଳେ ସଂପ୍ରତି କରୋନା ଯୁଦ୍ଧରେ ସେମାନଙ୍କର ସହଭାଗିତା ଦେଖିବାକୁ ମିଳୁନାହିଁ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା କରୋନା ଯୋଦ୍ଧା ଗଣମାଧ୍ୟମ ପ୍ରତିନିଧି ମାନେ ଏପରି ଗୁରୁତ୍ୱପୂର୍ଣ୍ଣ ସମୟରେ କରୋନା ମହାମାରୀ ସମ୍ପର୍କିତ ଖବର ସାଧାରଣରେ ଉପସ୍ଥାପନ କରୁଥିବା ବେଳେ, ସେମାନଙ୍କ ସୁରକ୍ଷା ବିଷୟରେ କେହିବି ଚିନ୍ତା କରୁନାହାଁନ୍ତି । ପ୍ରଥମ ପର୍ଯ୍ୟାୟ ସମୟରେ ପାରାଦ୍ୱୀପ ବନ୍ଦର, ଇଫ୍‌କୋ ଓ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ମାନଙ୍କୁ ମାସ୍କ ଓ ସାନିଟାଇଜର ଯୋଗାଇ ଦିଆଯାଇଥିବା ବେଳେ ଏବେ ଏହା ଉପଲବ୍ଧ ହେଉନାହିଁ ।

## ଜଙ୍ଗଲୀ ହାତୀଙ୍କ ଉପଦ୍ରବ : ଜଙ୍ଗଲକୁ ନ ଯିବା ପାଇଁ ବନ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି



ବାଲିଗୁଡା, (ନିପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଘୁ.ଉଦୟଗିରି ପଂଚାୟତର ମୁକୁଲିଙ୍ଗିଆ ଓ ଲଏରାଜୁ ଅଂଚଳରେ କେତେକ ଜଙ୍ଗଲୀ ହାତୀ ଆସି ଆତଙ୍କ କରୁଥିବା ଦେଖିବାକୁ ମିଳିଛି । ଏହି ହାତୀମାନେ ବୁଲାବୁଲି କରୁଥିବାରୁ ଜଙ୍ଗଲ ଭିତରକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଉତ୍ତର ଘୁମୁସର ବନ ଖଣ୍ଡର ୧୬ଟି ହାତୀ ବୁଧବାର ରାତି ଜି.ଉଦୟଗିରି ପଂଚାୟତ ସମିତି ଅନ୍ତର୍ଗତ ମାଲିକାପଡି ଗ୍ରାମ ପଂ୍ଚାୟତ ସ୍ଥିତ ମୁକୁଲିଙ୍ଗିଆ ଓ ଲଏରାଜୁ ଅଂଚଳରେ ଆସି ଲଏରାଜୁର କେତେକ କଦଳୀ ବାଡ଼ି, ମୁକୁଲିଙ୍ଗିଆରେ ଥିବା କେତେକ ବାଉଁଶ ବୁଦାରେ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି । ଉତ୍ତର ଘୁମୁସର ବନଖଣ୍ଡର ଦରପଙ୍ଗିଆ ସଂରକ୍ଷିତ ଜଙ୍ଗଲରୁ ଆସିଥିବା ୪ଟି ଦନ୍ତା, ୫ଟି ମାଈ ହାତୀ ଓ ୭ଟି ଛୁଆହାତୀ ଆସିଥିବା ଜଙ୍ଗଲରେ ବୁଲାବୁଲି କରୁଥିବା ଜଣାପଡ଼ିଛି । ହାତୀମାନଙ୍କ ପାଦ ଚିହ୍ନ ଏବଂ ମଳର ସନ୍ଧାନ ମିଳିଛି । ମୁକୁଲିଙ୍ଗିଆ ଗ୍ରାମବାସୀଙ୍କ ଠାରୁ ଖବର ପାଇ ବନାଂଚଳ ଅଧିକାରିଣୀ ମୀନାକ୍ଷୀ କୁମାରୀ ବିଳମ୍ବିତ ରାତିରେ ନିଜର କର୍ମଚାରୀଙ୍କ ସହ ସେଠାରେ ପହଂଚି ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଗୁରୁବାର ପୂର୍ବାହ୍ନରେ ବନାଂଚଳ ଅଧିକାରୀ ସହିତ ବନପାଳ ରଶ୍ମିତା ବକ୍ସି, ବନରକ୍ଷୀ ସିଏଚ୍. ଅନିତା ପାତ୍ର, ବିଭୁ ରଞ୍ଜନ ସାମନ୍ତରାୟ ସମେତ ମୁକୁଲିଙ୍ଗିଆ ଗ୍ରାମବାସୀଙ୍କ ସହାୟତାରେ ଏ ନେଇ ବନ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ଗ୍ରାମବାସୀଙ୍କୁ ଜଙ୍ଗଲକୁ ନ ଯିବା ସହ ସତର୍କ ରହିବାକୁ ଅନୁରୋଧ କରାଯାଇଛି ।

## କାରୁଣ୍ଡ କୃଷକ ବିହନ ଭଣ୍ଡାର ଉଦ୍‌ଘାଟିତ

ମ.ରାମପୁର, (ନିପ୍ର) : କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ କାରୁଣ୍ଡ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ତରଫରୁ ବସଷ୍ଟାଣ୍ଡଠାରେ ଏକ କାରୁଣ୍ଡ କୃଷକ ବିହନ ଭଣ୍ଡାର ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ସ୍ଥାନୀୟ ସରପଂଚ ଚିତ୍ତରଂଜନ ବାଗ ଏବଂ ଜଣେ ସଫଳ ଚାଷୀ ତଥା ଯୁବନେତା ଶ୍ରୀକାନ୍ତ ହୋତା ଯୋଗଦେଇ ପୂଜାର୍ଚ୍ଚନା ସହିତ ଆନୁଷ୍ଠାନିକ ଭାବରେ ଉଦଘାଟନ କରିବା ସହିତ ଏହି କମ୍ପାନୀର ଅଧିକାରୀବୃନ୍ଦଙ୍କ ସହିତ ଏହାର ପରିଚାଳନା ସଂପର୍କରେ ପଚାରି ବୁଝିଥିଲେ । କୃଷି ବିଭାଗର ବିଟିଏମ୍ ଧରମ ସିଂ ମଧ୍ୟ ଉପସ୍ଥିତ ରହିଥିଲେ । ଏହି କମ୍ପାନୀର ନିର୍ଦ୍ଦେଶକ ଆଦିତ୍ୟ ପ୍ରତାପ ସିଂହଦେଓ ବିହନ ଭଣ୍ଡାର ଉଦଘାଟନୀ ଅବସରରେ, ଏହି ଭଣ୍ଡାରରେ ଉନ୍ନତମାନର ବିହନ ସବୁ ସୁଲଭ ମୂଲ୍ୟରେ ଚାଷୀମାନଙ୍କୁ ଯୋଗାଇ ଦିଆଯିବ, ଯାହା ଫଳରେ ସେମାନେ ଆଗାମୀ ଦିନରେ ଉପଯୁକ୍ତ ବିହନ ପାଇବା ଫଳରେ ଅଧିକ ଅମଳ କରି ଲାଭବାନ ହେଇପାରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଥିଲେ ।

କମ୍ପାନୀର ଚେୟାରମେନ ବିଭୂତି ଭୂଷଣ ମହାକୁଡଙ୍କ ସମେତ ଅମରେଶ ସିଂ, ହର୍ଷବର୍ଦ୍ଧନ ସିଂହଦେଓ, ପ୍ରକାଶ ଚନ୍ଦ୍ର ମାଝୀ, ଦିଲୀପ କୁମାର ମହାକୁଡ, ଶୁକଦେବ ସାହୁ, ନରୋତ୍ତମ ପଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ସମସ୍ତ କାର୍ଯ୍ୟକ୍ରମ କୋଭିଡ ଗାଇଡଲାଇନର ପାଳନ ପୂର୍ବକ ସମ୍ପନ୍ନ କରାଯାଇଥିଲା ।

## ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ.....(ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଲକ୍ଷ୍ୟ ଏହି ଦଶନ୍ଧି ଅନୁସାରେ ତଥା ପରବର୍ତ୍ତୀ ଦଶନ୍ଧିର ଆବଶ୍ୟକତା ପୂରଣ ଅନୁସାରେ ହେବା ଉଚିତ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଲେ ଯେ, ବିଶ୍ୱବ୍ୟାପୀ ବିଶେଷଜ୍ଞମାନେ ଜଳବାୟୁ ପରିବର୍ତ୍ତନ ନେଇ ବ୍ୟାପକ ମାତ୍ରାରେ ଆଶଙ୍କା ବ୍ୟକ୍ତ କରୁଛନ୍ତି । ସେଥି ନିମନ୍ତେ ସେ ଦେଶର ସମସ୍ତ ବୈଜ୍ଞାନିକ ଓ ଅନୁଷ୍ଠାନମାନଙ୍କୁ ଆହ୍ୱାନ ଜଣାଇ କହିଲେ ଯେ, ସେମାନେ ସମସ୍ତ ପ୍ରକାର ସମସ୍ୟାର ବୈଜ୍ଞାନିକ ସମାଧାନ ସୂତ୍ର ବାହାର କରିବା ନିମନ୍ତେ ପ୍ରସ୍ତୁତ ହେବା ଜରୁରି । ସେମାନେ ପ୍ରତ୍ୟେକ କ୍ଷେତ୍ରରେ ନେତୃତ୍ୱ ବହନ କରିବା ଉଚିତ । ତାହା କାର୍ବନ କ୍ୟାପଚର ଠାରୁ ଶକ୍ତି ସଂରକ୍ଷଣ ପର୍ଯ୍ୟନ୍ତ ଏବଂ ଗ୍ରୀନ ହାଇଡ୍ରୋଜେନ୍ ପ୍ରଯୁକ୍ତି ପର୍ଯ୍ୟନ୍ତ ହେବା ଆବଶ୍ୟକ । ସିଏସଆଇଆରକୁ ଆହ୍ୱାନ ଜଣାଇ ପ୍ରଧାନମନ୍ତ୍ରୀ କହିଲେ ଯେ ସେମାନେ ସମାଜ ତଥା ଶିଳ୍ପକୁ ସାଥିରେ ଧରି ସେମାନେ ଆଗକୁ ଅଗ୍ରସର ହେବା ବାଂଛନୀୟ । ତାଙ୍କ ପରାମର୍ଶ ମାନି ସିଏସଆଇଆର ଲୋକମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ଆରମ୍ଭ କରିଥିବାରେ ସେ ଏହାକୁ ପ୍ରଶଂସା କରିଥିଲେ । ସେହିଭଳି ଏହି ଅନୁଷ୍ଠାନକୁ ପୁନଃପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଲେ ଯେ ୨୦୧୬ ମସିହାରେ ଆରୋମା ମିଶନ ଆରମ୍ଭ କରାଯାଇଥିଲା । ଆଜି ଦେଶର ହଜାର ହଜାର କୃଷକ ଫୁଲଚାଷ କରି ସେମାନଙ୍କର ଭାଗ୍ୟରେ ଅପୂର୍ବ ପରିବର୍ତ୍ତନ ଘଟାଇଛନ୍ତି । ଦେଶରେ ଆସାଫୋଏଟିଡା ଚାଷ କରିଥିବାରୁ ସିଏସଆଇଆରକୁ ସାଧୁବାଦ ଜଣାଇ ପ୍ରଧାନମନ୍ତ୍ରୀ କହିଲେ ଯେ ପୂର୍ବରୁ ଏଥିପାଇଁ ଭାରତକୁ ବିଦେଶରୁ ଆମଦାନୀ ଉପରେ ହିଁ ନିର୍ଭରଶୀଳ ହେବାକୁ ପଡୁଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସିଏସଆଇଆରକୁ ଆହ୍ୱାନ ଜଣାଇଥିଲେ ଯେ ସେମାନେ ଏକ ଆଗକୁ ଅଗ୍ରସର ହେବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ରୋଡମ୍ୟାପ ପ୍ରସ୍ତୁତ କରନ୍ତୁ । ଏହି କୋଭିଡ-୧୯ ସଂକଟ ହୁଏତ ବିକାଶର ମାତ୍ରାକୁ ଆକ୍ରାନ୍ତ କରିଛି, କିନ୍ତୁ ଆତ୍ମନିର୍ଭର ଭାରତର ସ୍ୱପ୍ନକୁ ସାକାର କରିବାର ପ୍ରତିବଦ୍ଧତା ଭାରତର ଅତୁଟ ରହିଛି । ତେଣୁ ଦେଶରେ ଉପଲବ୍ଧ ସୁଯୋଗର ସର୍ବାଧିକ ସଦୁପଯୋଗ କରିବା ନିମନ୍ତେ ସେ ଆହ୍ୱାନ ଜଣାଇଥିଲେ । ସେ କହିଲେ ଯେ କୃଷି ଠାରୁ ନେଇ ଶିକ୍ଷା ପର୍ଯ୍ୟନ୍ତ ଆମର ଏମଏସଏମଇ ଓ ଷ୍ଟାର୍ଟ ଅପମାନଙ୍କ ନିମନ୍ତେ ପ୍ରତ୍ୟେକ କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ଭରି ରହିଛି । ପ୍ରଧାନମନ୍ତ୍ରୀ ବୈଜ୍ଞାନିକମାନଙ୍କୁ ଓ ଶିଳ୍ପସଂସ୍ଥାଗୁଡିକୁ ଆହ୍ୱାନ ଜଣାଇ କହିଥିଲେ ଯେ, କୋଭିଡ ସଂକଟ ସମୟରେ ପ୍ରତ୍ୟେକ କ୍ଷେତ୍ରରେ ସେମାନେ ଯେଉଁ ସାଫଲ୍ୟ ହାସଲ କରିଛନ୍ତି ତାହାକୁ ବାରମ୍ବାର ଦୋହରାଇବା ଆବଶ୍ୟକ ।

## ୫ ଲୁଟେରା ଗିରଫ : ଛୁରୀ, ବାଇକ ଏବଂ ମୋବାଇଲ ଜବତ

ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ଝାରବନ୍ଧ ଗ୍ରାମର ଜନୈକ ବ୍ୟକ୍ତି ଉସତଲାଲ ସାହୁ ନିଜର କୃଷି କାର୍ଯ୍ୟ ସଂପାଦନ କରିବା ପାଇଁ ଛତିଶଗଡ ରାଜ୍ୟ ବଲୋଦାରୁ ୧ ହଳ ବଳଦ ମିନି ଟ୍ରକ ଓଡି୧୭ ଏସ ୭୬୭୩ରେ ନେଇ ଆସୁଥିଲେ । ଜଗଦଲପୁର ଥାନା ଧଉରାଭଟା ଛକ ନିକଟରେ କେତେକ ଦୁର୍ବୃତ୍ତ ଛୁରୀ ଦେଖାଇ ଅଟକାଇ ଥିଲେ । ଉସତଲାଲ, ପୁଅ ପ୍ରେମରାଜ ଓ ଡ୍ରାଇଭର ମୁକେଶ କୁମ୍ଭାରକୁ ଅନେକ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମାରିଦେବାକୁ ଉଦ୍ୟମ କରଇ ତାଙ୍କ ଠାରୁ ୩ହଜାର ଟଂକା ଲୁଟି ନେଇଥିଲେ । ଖବର ପାଇ ଝାରବନ୍ଧର କେତେକ ଯୁବକ ଜଣେ ଲୁଟେରାକୁ କାବୁ କରି ଜଗଦଲପୁର ଥାନାକୁ ନେଇଥିଲେ । ଅଭିଯୁକ୍ତ ଠାରୁ ସମସ୍ତ ତଥ୍ୟ ସଂଗ୍ରହ କରି ପୋଲିସ ଜଗଦଲପୁର ଗ୍ରାମର ପୁରନ୍ଦର ସରାଫ, ଗୁଡ୍ଡୁ ପଟେଲ, ଅଜୟନ୍ତ ବାଗ, ଯଶୋବନ୍ତ ପଟେଲ, ହେମାନନ୍ଦ ପଟେଲକୁ ଗିରଫ କରିଛି । ତାଙ୍କ ଠାରୁ ଛୁରୀ, ୩ହଜାର ଟଂକା, ଗୋଟିଏ ମୋବାଇଲ ଓ ଘଟଣାରେ ବ୍ୟବହୃତ ବାଇକ ଓଡି୦୩ ଏଫ ୯୩୯୫, ଓଡି ୧୭ ଏମ ୮୩୭୮, ଓଆର ୦୩ ଜି ୪୮୨୩କୁ ଜବତ କରିଛି । ଥାନା କେଶ ନଂ-୫୯/୨୦୨୧ ଧାରା ୩୯୫ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବୀରବର ଭଗତଙ୍କ ଠାରୁ ପ୍ରକାଶ ।


# କେଶରୀୟା ହିନ୍ଦୁ ବାହିନୀର ନେତୃବୃନ୍ଦଙ୍କୁ ଆକ୍ରମଣ ଅଭିଯୋଗ



ମୁରିବାହାଲ , (ନିପ୍ର) : ବଲାଙ୍ଗିର ଜିଲ୍ଲାର ମୁରିବାହାଲ ବ୍ଲକ ଠାରେ କେଶରୀୟା ହିନ୍ଦୁ ବାହିନୀର ରାଜ୍ୟ ସଭାପତିଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା ତତ୍ ସଙ୍ଗେ ସଙ୍ଗେ ବ୍ଲକରେ ଶୁଖିଲା ଖାଦ୍ୟ ସହ ମାସ୍କ୍ ଓ ସାନିଟାଇଜର ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ସଭାକୁ ପହଂଚିବା ପରେ ସେହି ଅଂଚଳରେ ଚୋରା ଗାଈ ଚାଲାଣ କରାଯାଉଥିଲା, ଯାହାକୁ ବ୍ଲକ କାର୍ଯ୍ୟକର୍ତ୍ତା, ଜିଲ୍ଲା କାର୍ଯ୍ୟକର୍ତ୍ତା ଏବଂ ରାଜ୍ୟ ସଭାପତି ଗାଈ ଚାଲାଣକୁ ବିରୋଧ କରିଥିଲେ । ସେମାନଙ୍କ ସହିତ ଆଲୋଚନା କରିବା ବେଳେ ସେମାନେ ଅତର୍କିତ ଭାବେ କେଶରୀୟା ହିନ୍ଦୁ ବାହିନୀ କାର୍ଯ୍ୟକର୍ତ୍ତାଙ୍କ ଉପରକୁ ଆକ୍ରମଣ କରିଥିଲେ, ଯେଉଁଥିରେ କି ରାଜ୍ୟ ସଭାପତି, ବ୍ଲକ ସଭାପତି, ଉପସଭାପତି ଆହତ ହେବା ପରେ ଲିଖିତ ଆକାରରେ ମୁରିବାହାଲ ଥାନାରେ ଏଫ୍ଆଇଆର୍ ଦିଆଯାଇଥିବା କୁହାଯାଇଛି । ଆଗାମୀ ଦିନରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ଦାବୀ କାରଯାଇଛି ।

# ଗ୍ରାମାଂଚଳକୁ ନିରନ୍ତର ଇଟର୍‌ନେଟ୍ ସୁବିଧା ଯୋଗାଇ ଦିଆଯାଉ : ୱେବିନାର ମାଧ୍ୟମରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଓଡିଶା ପ୍ରଦେଶର ଆୟୋଜନରେ ଜୁମ୍ ୱେବିନାର ମାଧ୍ୟମରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଗଣତନ୍ତ୍ର ଉପରେ ଦୁଇଦିନ ବ୍ୟାପୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ରାଜ୍ୟସ୍ତରକୁ ୭୦ ଜଣ ଛାତ୍ରଛାତ୍ରୀ ଉନ୍ନିତ ହୋଇ ବକ୍ତୃତା ପ୍ରଦର୍ଶନ କରିଥିଲେ । ବକ୍ତୃତା ପ୍ରତିଯୋଗିତାରେ ଅଧ୍ୟାପକ ଅଧ୍ୟାପିକା ଡୋଲାମଣୀ ଧରୁଆ, ନମିତା ମହାପାତ୍ର, ଜଗଦୀଶ ଚନ୍ଦ୍ର ଭୋଇ, ଉଜ୍ଜସ୍ମିନୀ ନାୟକ, ଦୀପକ କୁମାର ନାୟକ, କସ୍ତୁରୀ ମରକାମ୍, ବିଶ୍ୱଜିତ ନାୟକ, ରୀତା ପାଉଲେ, କୌତୁକ ପନ୍ଦର, ନିରଜା ନଳିନୀ ନାୟକ, ପ୍ରେମାନନ୍ଦ କୁଅଁର ଓ ତପସ୍ୱିନୀ ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ । ଏଥିରେ ପ୍ରଥମ ସ୍ଥାନ ଅନୁଗୁଳ ଜିଲ୍ଲାର ସୋମେଶ୍ୱର ମାଝୀ, ଦ୍ୱିତୀୟ ସ୍ଥାନ ସୋନପୁର ଜିଲ୍ଲାର ଦେବାନନ୍ଦ ଭୋଇ ଓ ତୃତୀୟ ସ୍ଥାନ କେନ୍ଦୁଝର ଜିଲ୍ଲାର ସ୍ମୃତିରେଖା ନାୟକ ଅଧିକାର କରିଥିଲେ ।

ପ୍ରଦେଶ ସଭାପତି ମହେନ୍ଦ୍ର ନାଏକଙ୍କ ଅଧକ୍ଷତାରେ, ସାଂସଦ ଲୋକସଭା ନବରଙ୍ଗପୁର ଓ ଗୋଁଣ୍ଡ ମହାସଭାର ମୁଖ୍ୟ ପୁରୋଧା ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମହାସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଖାମସିଂହ ମାଝୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଉନ୍ନିତ ଛାତ୍ରଛତ୍ରୀଙ୍କୁ ଆସନ୍ତା ଜୁନ ୨୪ ତାରିଖ ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ ଅବସରରେ ପ୍ରତି ଜିଲ୍ଲାରେ ପୃଥକ ପୃଥକ ଭାବରେ ମାନପତ୍ର ପ୍ରଦାନ କରିବା ପାଇଁ ଭବ୍ୟ ଆୟୋଜନ ହୋଇଛି । ଏହି ଅବସରରେ ଲୋଇସିଂହା ଠାରେ ଯୋଜନା ଥିବା ଅନ୍ ଲାଇନ୍ କଂପ୍ୟୁଟର ପାଠାଗାର ଶୁଭ ଉଦ୍‌ଘାଟନ ହେବ । ସାଂସଦ ଶ୍ରୀ ମାଝୀ କହିଥିଲେ ଯେ, ଏହି କରୋନା ମହାମାରୀ ଯୋଗୁଁ ରାଜ୍ୟ, ଦେଶ ତଥା ପୃଥିବୀର ସମସ୍ତ ଅଂଚଳ ପ୍ରଭାବିତ ହୋଇଥିବା ବେଳେ ବିଶେଷ ଭାବେ ଶିକ୍ଷା ବିଭାଗ କ୍ଷତି ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଗୋଁଣ୍ଡ ମହାସଭା ୱେବିନାର ମାଧ୍ୟମରେ ସମାଜର ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ପ୍ରସଂଶନୀୟ ପଦକ୍ଷେପ । ଏହି ବକ୍ତୃତା ପ୍ରତିଯୋଗିତାରେ ବିଶେଷ ଭାବରେ ଉପାନ୍ତ ଅଂଚଳରୁ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନେ ନେଟୱାର୍କର ଅପହଂଚ ଯୋଗୁଁ ତଥା ନିରନ୍ତର ନେଟୱାର୍କ ଅଭାବ ଯୋଗୁଁ ଠିକ ଭାବରେ ତାଙ୍କର ବକ୍ତୃତା ପ୍ରଦର୍ଶନ କରିପାରି ନଥିଲେ ବୋଲି ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ କହିଛନ୍ତି । ମହାମାରୀ କେରୋନା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସୁଚେଇ ଦେଇଛି ଯେ ଆଜିର ଦିନରେ ରାଜଧାନୀରୁ ଉପାନ୍ତ ଅଂଚଳ ପର୍ଯ୍ୟନ୍ତ ନିରନ୍ତର ନେଟୱାର୍କ ସଂଯୋଗ ନହେଲେ ଖାଲି ଶିକ୍ଷା ସହିତ ଅନ୍ୟ ସମସ୍ତ କାର୍ଯ୍ୟକ୍ରମ କ୍ଷତିଗ୍ରସ୍ତ ହେବ । ମହାସଭାର ମହିଳା ଅଧକ୍ଷା ସୁକାନ୍ତିବାଳା ନାୟକ, ମହାସଭାର ମହାସଚିବ ପ୍ୟାରୀମୋହନ ନାୟକ, ମୀନକେତନ ମାଝୀ, ଚୁଡାମଣୀ ଧରୁଆ, ଉପସଭାନେତ୍ରୀ ଦମୟନ୍ତୀ ମହାପାତ୍ର, ବଲାଙ୍ଗିର ଜିଲ୍ଲାରୁ ସଭାପତି ଶ୍ୟାମସୁନ୍ଦର ଭୋଇ, ରାମଚନ୍ଦ୍ର ଧରୁଆ, ମୁକୁନ୍ଦ ଧରୁଆ, ଦଶରଥ ଛତ୍ରୀଆ, ଗଣେଶ ମାଝୀ, ପ୍ରମୁଖଙ୍କ ସହ ରାଜ୍ୟର ସମସ୍ତ ଜିଲ୍ଲାରୁ କର୍ମକର୍ତା, ସଭ୍ୟସଭ୍ୟା, ସହଯୋଗୀ ଓ ଶୁଭେଚ୍ଛୁ ଯୋଗ ଦେଇଥିଲେ । ପୃଥକ ଭାବରେ ବଲାଙ୍ଗିର ଜିଲ୍ଲା ଗୋଁଣ୍ଡୱାନା ଛାତ୍ର ସଂଗଠନ ଦ୍ୱାରା ଭିଡିଓ କନ୍‌ଫରେନସ୍ ମାଧ୍ୟମରେ ଏକ ସଚେତନତା ସଭା ହୋଇ ସମାଜରୁ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ସଭାପତି ଲଳିତ ମୋହନ ପୁଟା, ଚନ୍ଦ୍ରଶେଖର କୁଅଁର, ସୁବ୍ରତ କୁଅଁର, ମୁକୁନ୍ଦ ଧରୁଆ ପ୍ରୟାସ ଆରମ୍ଭ କରିଛନ୍ତି ।

# କବି ଚତୁର୍ଭୁଜ ସାଆନ୍ତଙ୍କ ଦେହାନ୍ତରେ 'କୋଶଳ ପ୍ରବାହ' ପକ୍ଷରୁ ଶ୍ରଦ୍ଧାଂଜଳି


## ପ୍ରତିବର୍ଷ 'ଚତୁର୍ଭୁଜ ସାଆନ୍ତ ସ୍ମୃତି ସମ୍ମାନ' ପ୍ରଦାନ କରାଯିବାକୁ ଘୋଷଣା

ବଲାଙ୍ଗିର, (ନିପ୍ର) : କବି ଚ଼ତୁର୍ଭୁଜ ସାଆନ୍ତଙ୍କ ଦେହାନ୍ତରେ 'କୋଶଳ ପ୍ରବାହ' ପରିବାର ପକ୍ଷରୁ ଶ୍ରଦ୍ଧାଂଜଳି ପ୍ରଦାନ କରାଯାଇଛି । କୋଭିଡ୍ କଟକଣା ଯୋଗୁଁ ଭର୍‌ଚୁଆଲ୍ ଭାବେ ଆୟୋଜିତ ଶ୍ରଦ୍ଧାଂଜଳି ସଭାରେ 'କୋଶଳ ପ୍ରବାହ'ର ସଂପାଦକ ଆନଂଦ ଚଂଦ୍ର ସାହୁ, ପ୍ରଶାସନିକ ଅଧିକାରୀ ଶ୍ୟାମପ୍ରସାଦ ଗୁରୁ, ବିଜ୍ଞାପନ ଅଧିକାରୀ ଶମ୍ଭୁନାଥ ସାହୁ, ସହ ସଂପାଦିକା ଶ୍ରାବଣୀ ବିଶ୍ୱାଳ, ଏକାଉଟେଣ୍ଟ୍ ତପସ୍ୱିନୀ ସାହୁ, ଜିଲ୍ଲା ପ୍ରତିନିଧି ଦେବାଶିଷ ମିଶ୍ରଙ୍କ ସମେତ ବିଭିନ୍ନ ଅଂଚଳର ପ୍ରତିନିଧିମାନେ ଯୋଗଦାନ କରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ସଂପାଦକ ଶ୍ରୀ ସାହୁ କହିଛନ୍ତି ଯେ, 'କୋଶଳ ପ୍ରବାହ' ଜନ୍ମ ନେବା ଦିନଠୁ କବି ଚତୁର୍ଭୁଜ ସାଆନ୍ତ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ସେ କେବଳ ମୋର ବଡ଼ଭାଇ ନଥିଲେ, ଆମ ଅନୁଷ୍ଠାନର ବଡ଼ଭାଇ ଥିଲେ । ଅନୁଷ୍ଠାନ ଆଜି ତା' ବଡ଼ଭାଇଙ୍କୁ ହରାଇଛି । ତଥାପି କବିର ମୃତ୍ୟୁ ତ' ନାହିଁ । ସେ ତାଙ୍କ କବିତା ଜଗତରେ ଅମର ହୋଇ ରହିବେ । କୋଶଲୀ ସାହିତ୍ୟ ଜଗତରେ ଜଣେ ସମ୍ଭାବନାମୟ ଉଜ୍ଜ୍ୱଳ ସ୍ରଷ୍ଟା ପୁରୁଷ ଥିଲେ କବି ଚତୁର୍ଭୁଜ ସାଆନ୍ତ । ତାଙ୍କ କବିତାରେ ରହିଥିଲା ଏକ ନିଆରା ମାଧୁର୍ଯ୍ୟ । ନୂଆ ଇମେଜ୍ ମିଥ୍ ପ୍ରୟୋଗ ସହ ନିଜ ଅଂଚଳର ଭାବକୁ ନେଇ ସବୁବେଳେ ଋଦ୍ଧିମନ୍ତ ତାଙ୍କ କବିତା ଜଗତ । କବିତା ଭିତରେ ବି ତାଙ୍କ ମାଟି ପ୍ରୀତି ସବୁବେଳେ ଉଛୁଳି ପଡୁଥିଲା । ସ୍ନେହ ଶ୍ରଦ୍ଧାରେ ଭରପୂର ଥିଲେ କବି । ପ୍ରଶାସନିକ ଅଧିକାରୀ ଶ୍ରୀ ଗୁରୁ କବି ଚତୁର୍ଭୁଜ ସାଆନ୍ତଙ୍କ ସ୍ମୃତି ଚାରଣ କରି ତାଙ୍କ ନିଷ୍କପଟ ଆତ୍ମୀୟତା ସଂପର୍କରେ ଆଲୋଚ଼ନା କରିଥିଲେ ।

ତେବେ ଚଳିତ ବର୍ଷ ଠାରୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତି ବର୍ଷ 'କୋଶଳ ପ୍ରବାହ'ର ବାର୍ଷିକୋତ୍ସବରେ ଜଣେ ଉଦୀୟମାନ କୋଶଲୀ କବିଙ୍କୁ 'ଚତୁର୍ଭୁଜ ସାଆନ୍ତ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ ବୋଲି ସଂପାଦକ ଶ୍ରୀ ସାହୁ ଘୋଷଣା କରିଛନ୍ତି ।




# ମନେ ପଡିଲେ ଓଁକାର ପାଣିଗ୍ରାହୀ



ବଲାଙ୍ଗିର, (ନିପ୍ର) : ଗବଲାଙ୍ଗିରର ଗର୍ବ ଓ ଗୌରବ ସ୍ୱର୍ଗତ ଓଁକାର ପାଣିଗ୍ରାହୀଙ୍କ ଶ୍ରାଦ୍ଧ ଅବସର ଏକ ଭର୍‌ଚୁଆଲ ସଭା ଆୟୋଜିତ ହୋଇଯାଇଛି । ଆମେ ମନେ ପକାଇବା ସ୍ୱର୍ଗତ ଓଁକାର ପାଣିଗ୍ରାହୀଙ୍କୁ । ଡ଼. ସଞ୍ଜୟ କୁମାର ମିଶ୍ରଙ୍କ ଆବହକତ୍ୱରେ ଶିକ୍ଷାବିତ ସନାତନ ଠାକୁରଙ୍କ ସଭାପତିତ୍ୱରେ ଆୟୋଜିତ ଏ ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ପ୍ରଫେସର ଡ଼. ସନ୍ତୋଷ କୁମାର ରଥ ବକ୍ତା ଭାବରେ ଯୋଗ ଦେଇ ସ୍ୱର୍ଗତ ଓଁକାରଙ୍କ ଗୁଣାବଳୀ ବିଷୟରେ ଆଲୋଚ଼ନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସନ୍ଦୀପ କୁଅଁର, କିଶୋର ମିଶ୍ର ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ । ସ୍ୱର୍ଗତ୍ ପାଣିଗ୍ରାହୀ ଜଣେ ବିଶିଷ୍ଟ ସାରସ୍ୱତ ପୁରୁଷ ଭାବରେ ବଲାଙ୍ଗିର ମାଟିରେ ତଥା ସାରା ଓଡ଼ିଶାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ । ଯୁବକାବସ୍ଥାରେ ତାଙ୍କ ଦେହାନ୍ତ ସେତେବେଳେ ବଲାଙ୍ଗିର ମାଟି ପାଇଁ ଅପୂରଣୀୟ କ୍ଷତି ଆଣି ଦେଇଥିଲା । ଆଜି ବି ବଲାଙ୍ଗିର ମାଟି ତାଙ୍କୁ ମନେ ପକାଉଛି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com